

0/413

# ପ୍ରିୟତମାର ଚିଠି

ଶ୍ରୀ ବୀର କିଶୋର ବାରିକ

ନଂ 0/413

ପରିବେଶକ—

ନରସିଂହ ପୁସ୍ତକାଳୟ

ପୋ: ରେଙ୍ଗାଇଲ, ଜି: ହାଓଡ଼ା

* ପ୍ରକାଶିକା:—

**ଶ୍ରୀମତୀ ଶୋଭାରାଣୀ ବାରିକ**

ନଂ ୧୪୨।ଏ, ମୁକ୍ତାରାମବାବୁ ଷ୍ଟ୍ରୀଟ୍, କଲିକତା—୭

* ମୁଦ୍ରକ:—

**ଶ୍ରୀ ପଦ୍ମନାଭ ମିଶ୍ର**

**ନରସିଂହ ପ୍ରେସ୍**

ନଂ ୧୬୬।୧ଏ, ପ୍ରାଣକୃଷ୍ଣ ମୁଖାର୍ଜ୍ଜୀ ରୋଡ଼, କଲିକତା—୨

* ସୁଲଭ ମୂଲ୍ୟ:—

**ଏକଟଙ୍କା ପଚିଶ ନୂଆ ପଇସା**

ପ୍ରଥମ ସଂସ୍କରଣ
ଏଗାରଶହ

ଏହି ଲେଖିକାଙ୍କର ପ୍ରକାଶିତ ଓ ଅପ୍ରକାଶିତ ପୁସ୍ତକମାନ:—

* **ପଞ୍ଚବାଣ**·········ଉପନ୍ୟାସ ।
* **କାନନ ପଥର ପ୍ରଣୟୀ ପ୍ରିୟା**···କବିତା ।
* **ରାତ ତ ପାହୁନାହିଁ**···ଉପନ୍ୟାସ । (ଯନ୍ତ୍ରସ୍ଥ)
* **ଅଦୃଷ୍ଟର ପରିହାସ**··· „ „

ଶ୍ରୀ ମାର୍କଣ୍ଡ ପଣ୍ଡାଙ୍କୁ ..............................................

ପଣ୍ଡାବାବୁ !

—ସେଇ କୈଶୋର କାଳରୁ ।
କୋଉ କାମ୍ୟ ଗୁଣକୁ ଅପେକ୍ଷା କରି ଯେ ଏତେ
ପରି ପରିତୋଷ ହେଉଥିଲ ତାହା ଜାଣିଥିଲା
ଏକମାତ୍ର ତୁମର ସେହି ସୌହାର୍ଦ୍ଦ ଅନ୍ତର ।

ଯଦିଓ ସରସ ନୁହେଁ । ତଥାପି; ଭଲ
ପାଉଥାଅ ମୋର ଅନାବନା ସାହିତ୍ୟ ରଚନାକୁ ।
...ଅଣ୍ଡୁର ଭଲ ପାଉଥିଲ ଯନ୍ତ୍ରରୁ ସଙ୍ଗୀତ ଶିଳ୍ପକୁ
ଆଦୃତ କରି ।

ପ୍ରକୃତରେ; ମୋର ଏହି ସବୁ କଥିତ
ଗୁଣରେ ତୁମେ କେତେପରି ଯେ ବିମୁଗ୍ଧ
ହୋଇଥାଅ ତାହା ମୁଁ ମୋର ଏହି ଚପଳ
ମତରେ କେବେ ହେଲେ ହେଜି ନ ପାରି
ଅଧିକନ୍ତୁ; ବେଳେ ବେଳେ ଯଥେଚ୍ଛ ଅବହେଳା
କରିଛି ତୁମକୁ ।

ଅନନ୍ତର; ତୁମ ମହାନ ଅନ୍ତରରେ
ତିଳେ ହେଲେ ଉଣା ନ ଥିଲା ଅନୁରାଗ ।

ତଥା କଥିତ ଗୁଣ ଗାଇବାରେ ମଧ୍ୟ ଥିଲ ପଞ୍ଚମୁଖ ।

କିନ୍ତୁ; ତୁମର ସେହି ଅପରସୀମ ଅନୁରାଗର ବନ୍ଧନମୟରେ ମୁଁ କେବେ ହେଲେ କିଛି ତ ଦେଇନାହିଁ !

ଏକଦା; ତୁମର ଯେଉଁ ସମୟରେ କି ପରିପୂର୍ଣ୍ଣ ଥିଲ ବୈଭବ । ଲୋକ ସମାଜରେ ଅବାଞ୍ଛିତ ସୁଖ୍ୟାତିର ଅଭାବ ନଥିଲ ମଧ୍ୟ ତୁମର ।

କିଏ କେତେ ଭଳି ଅଯାଚିତ ମିଷ୍ଟ ଭାଷାରେ ତୁଷ୍ଟ କରୁଥିଲେ ତୁମକୁ । ଗ୍ରାମ୍ୟ ସଂଗଠନ ଆଉ ସମାଜ ସଂସ୍କାର ମୂଳକ କାର୍ଯ୍ୟରେ ଏକମାତ୍ର ତୁମେହିଁ ହେଉଥିଲ ଅଗ୍ରଣୀ ।

ଏବେଣି; ଲୋକେ କହୁଛନ୍ତି ତୁମର କୁଆଡ଼େ ଭାରି ଦୁଃସମୟ । ଅନୁମାନରୁ ଜାଣୁଛି; ଏହି ଦୁଃସମୟକୁ ଚାହିଁ ବୋଧହୁଏ ସୁସମୟର ବନ୍ଧୁମାନେ ମହୁମାଛି ପରି ଗହଳି କରୁ ନାହାନ୍ତି ଆଉ !

ଦୂର ପ୍ରବାସରୁ ଯେବେ ବା ଯାଇ ପହଞ୍ଚେ । ଦେଖେ; ତୁମେ ବସିଥାଅ ମହା ଭାବନାରେ । ସତେ ଯେମିତି ତୁମ ମଥାରେ ଆକାଶ ଛିଡ଼ି ପଡ଼ିଛି !

ସହସା ମୋର ଉପସ୍ଥିତ ମାତ୍ରକେ । ଚକିତ ଆଉ ପୁଲକିତ ହୋଇ ଉଠିଥାଅ ତୁମେ ।

ସକଳ ଭାବନାର ଭାଷା ହାଲୁକା ନେଉଥାଇ ।
ଫୁଲପରି ସରସ ଦିଶିଥାଏ ତୁମର ସେହି
ଅମ୍ଳାନ ଅପସାରିତ ପ୍ରସାନ୍ତ ମୁଖ ମଣ୍ଡଳଟି ।

କିନ୍ତୁ; ମୁଁ ତ ସେତେବେଳେ ଯାଇଥାଏ ମାତ୍ର ରିକ୍ତ ହସ୍ତରେ । ତୁମର ସେହି ଅପାର ଆନନ୍ଦର ବିନିମୟ ଯୋଗାଣକୁ ମୋତେ ଯାରପର ନାହିଁ କାତର କରିଥାଏ ମୋର ଅକ୍ଷମତା ।

ଆଦର ସମ୍ଭାଷଣ ପରେ । ନାନାବିଧ ଖୁସିଆଲ ଗଳ୍ପରେ କଟିଯାଏ ଘଣ୍ଟା ପରେ ଘଣ୍ଟାମାନ । ଆଲାପ ମାଧ୍ୟମରେ କହିଥାଅ— ଲୋକେ ଯାହା କହନ୍ତୁ ନା କାହିଁକି; ନିଜ ନିଜ କର୍ତ୍ତବ୍ୟ ପଥରେ ରହିବା ହିଁ ହେଲା ବଡ଼କଥା ।

ତୁମ ଅଭିବ୍ୟକ୍ତିର ଭାବ ବୁଝିପାରି । ମୁଁ ମଧ୍ୟ ସମ କାତର ଉକ୍ତିରେ ବ୍ୟକ୍ତ କରିଥାଏ... ଗାଁର ହତଶିଶ୍ରୀ କଥା ।

ପଣ୍ଡାବାବୁ !

କହୁଥିଲି କ'ଣ କି; ଯଦିଓ ଏ ଗାଁରେ ନାହାନ୍ତି ବାହାର ଦୁନିଆରୁ ବାହାବା ନେଲା ଭଳି ବିଦ୍ୱାନ...। ତଥାପି; ଗୋଟିଏ ଉଚ୍ଚ ବିଦ୍ୟାଳୟ ସ୍ଥାପନା ହୋଇ ପାରିଲେ ଭଲ ହୁଅନ୍ତା ନାହିଁକି ? ଯଦିନା ନାହିଁ ବଡ଼ ରୋଗର ଉତ୍ପାତ । ତା' ପୂର୍ବରୁ ବଡ଼ ଡାକ୍ତର ହେବାକୁ ଆପତ୍ତି ବା କ'ଣ ଥାଇ ପାରେ ?

...ଏ ଗାଁ ପୁଷ୍କରଣୀର ନାଁ ପଦୁଁଅ ପୋଖରୀ । ଅଥଚ କେବେ ହେଲେ ଫୁଟି ନ ଥାଏ ପଦୁଁଅ ଫୁଲ । ସରଣିର ନାଁ ବଡ ଶଡ଼କ । ବଡ଼େଇ କରି ପଦ ଯାତ୍ରାର ସମାବେଶହ ଆରମ୍ଭ କରି ବସିଲେ । ଝୁଣ୍ଟି ପଡିବାକୁ ହୁଏ ବାର ଖୋଜରେ ବାରଥର । ବାଙ୍କ ନା ବାମୁଣ୍ଡ ଗାଁ ବାଙ୍କ । ଅଖି ସରକ୍କ ଚକ ଗଳିପଡ଼େ ଦହି ମଝିରେ । ଗାଁ ମୁଣ୍ଡର ନାଁ ବଉଳ ମୂଳ । ପ୍ରକୃତରେ ବଉଳ ମୂଳର ସତ୍ତା ଖୋଜୁ ଖୋଜୁ ଅସ୍ଥିର ହେବାକୁ ପଡ଼ିଥାଏ ପୋକ ଶୁଙ୍ଘା ଅଜ ବଳୁଆଡ ବଣରେ ।

ଯେଉଁ ଗାଁର କ୍ଷେତ ମାଟିରୁ ଫୁଟି ଉଠୁଥିଲା ସୁନା ଚଉଁର । ଆଜି ସେହି ସବୁ କ୍ଷେତ ମାଟିରେ ଲଙ୍ଗଳ ଲୁହା ବାଜିଲାରୁ ଝଙ୍କମକ ଘଷା ହେଲାଭଳି ଛୁଡ଼ିକା ଛୁଟିକା ଉଠୁଛି ଅନଳ କଣା ସବୁ । ଭାଗବତ ଟୁଙ୍ଗି ଘୁଡ଼ି; ସରପଞ୍ଚ ଖାନାରେ ସରପଞ୍ଚ ମୁଖା ପିନ୍ଧା ପୂର୍ବତନ ଠାକୁରମାନଙ୍କର ସଲା ପରାମର୍ଶ । ସାରିଦେଲେ ସଂସାରଠାକୁ ।

ଉଚ୍ଛନ୍ନ ହେଲା ଗାଁକୁ ଗାଁ !

ପ୍ରଗତିଶୀଳ ଯୁଗକୁ ଗୁହାଁ । ପୁନର୍ବାର କରି ଯଦି ଫେର ଆସନ୍ତା ଯୁବକ ମାନଙ୍କର ସେହି ନୂତନ ଉଦ୍ୟମ । ଭିତରେ କୋଲ ଭନ୍ନ ଭନ୍ନ ଉପର ଚିକଣ କମଳା ଲେମ୍ବୁ ପରିନୁହେଁ ।

ଉପର କଦାକାର ହେଉ ପଛକେ ଭିତର ଗୋଟା ତରଭୁଜ ପରି । ସମତା ଆଉ ମମତା ସୂତ୍ରରେ ଜାତି, ବର୍ଣ୍ଣ ନିର୍ବିଶେଷରେ । ସମସ୍ତେ ଏକତ୍ରିତ ହୋଇ ଗଠନ ମୂଳକ ନୀତିରେ ପୁନର୍ବାର ଏକ ଅଭିନବ ଜାଗରଣ ସୃଷ୍ଟି କରି ପାରିଲେ—

ବରଣ କରି ଚରଣ ରେଣୁ ନିଅନ୍ତେ ପଲ୍ଲୀ ମାଆର ମୋର ।

ଅବଶେଷକୁ ତୁମେ ଏତିକି କହି ପକାଇ ଥାଅ ଦୀର୍ଘ ନିଶ୍ୱାସମାନ ।

"ମନ ଅଛି ତ ଧନ ନାହିଁ । ଧନ ଅଛି ତ ମନ ନାହିଁ "।

ସେତେବେଳେ ମୁଁ ମଧ୍ୟ ହତାଶ ଦୃଷ୍ଟିରେ ନିରୀକ୍ଷଣ କରିଥାଏ ତଳ ଉପରକୁ ।

ହଁ ; ଉପରେ ଧଳା ଆକାଶ । ତଳେ କଳା ବଜାର ।

ତୁମ ଆମ ପରି ଲୋକର ଗୁରା କିଏ ?

ପଣ୍ଡାବାବୁ !

ଏଥରକ କିନ୍ତୁ ଆସିନାହିଁ ଖାଲି ହାତରେ । ମଉଜା ଖଣ୍ଡିକରେ ଡାକଘର ନଥିବାରୁ । ନିଜକୁ ନିଜେ ହରକରା ସାଜିବାକୁ ପଡ଼ିଛି । ଆସିଛି ଏହି ପ୍ରିୟତମାର ଚିଠି ଖଣ୍ଡିକ ନେଇ ।

ଅନ୍ୟକେହି ସ୍ୱୀକାର କରନ୍ତୁ ଅବା ନ କରନ୍ତୁ ମୁଁ ଜାଣେ; ପଲ୍ଲୀ ସମାଜର ସଂସ୍କାର

ଯଥେଷ୍ଟ ତ୍ୟାଗ କାର୍ଯ୍ୟରେ ସ୍ୱୀକାର କରି ଆସିଛ ତୁମେ ।

ତେଣୁ ଏହି "ପ୍ରିୟତମାର ଚିଠି" ଖଣ୍ଡି-କରେ ପ୍ରିୟତମାର ସମସ୍ତ ଦାବିତ୍ୱ ସମର୍ପି ଦେଉଛି ତୁମରି ହାତକୁ । ମୋର ବିଶ୍ୱାସ, ଏହାର ଉଚିତ ପ୍ରତିକାର ନିମନ୍ତେ ତୁମେ ନିଶ୍ଚୟ ଯତ୍ନ ନେବାକୁ ତ୍ରୁଟି କରିବ ନାହିଁ ।

ଦୁନିଆ ଦାଉରୁ ମୁକୁଳି । ପ୍ରିୟତମା ପରି ଅବଳାର ରାହା ସଜାଡି ଦେବ ସଦା ସୂଚ ସମାଜର ଠିକ କୋଣରେ । ଇତି ।

ତୁମର

ବି...କି...ବା...

ବିଷୁବ ସଂକ୍ରାନ୍ତି
ସ୍ମୃତି ସଦନ
ବ୍ରହ୍ମପୁର, କଟକ

*

ପ୍ରିୟତମା ର ଚିଠି
By
Birakishore Bamil

8/413
1. 6. 60.

ଭୁବନେଶ୍ୱର
ଫାଲ୍‌ଗୁନ ପୂର୍ଣ୍ଣିମା
ସନ୧୯୬୦

ଅଜଣା ରାଇଜର ରାଜକୁମାର !
ଜାଣେ—;
"—ନଥିଲା ତମର ପକ୍ଷୀରାଜ ଘୋଡା ।"
ନଥିଲା—;
"—ଖୋଲମୁଦା ଖଣ୍ଡା ।"
ଆଉ ମଧ୍ୟ ନଥିଲା—;
"—ଜରିମୋଡ଼ା ମଲମଲ କପଡାର ରାଜ ପୋଷାକ ।"
ଅବଶ୍ୟ—;
ାମୂଲ୍ୟ ବେଶ ପୋଷାକରୁ ଯେ ବାର ହେଉ ନଥିଲା—;
—ତାହା ନୁହେଁ ।
ଥିଲା ତମର ପଳାଶ ଫୁଲିଆ ରଂଗୀଣି ଶିରପା ।
ତୁ; କହିଲ ଭଲା—;
"—କୋଉ କନ୍ଦର୍ପ ଜାଣା !"
ଦିନ ସୁନ୍ଦର ରୂପ ଘେନି ଆସି ଯେ—;

ଯଥେଷ୍ଟ ତ୍ୟାଗ କାର୍ଯ୍ୟରେ ସ୍ୱୀକାର କରି ଆସିଛ ତୁମେ ।

ତେଣୁ ଏହି "ପ୍ରିୟତମାର ଚିଠି" ଖଣ୍ଡି-କରେ ପ୍ରିୟତମାର ସମସ୍ତ ଦାଇତ୍ୱ ସମର୍ପି ଦେଉଛି ତୁମରି ହାତକୁ । ମୋର ବିଶ୍ୱାସ, ଏହାର ଉଚିତ ପ୍ରତିକାର ନିମନ୍ତେ ତୁମେ ନିଶ୍ଚୟ ଯତ୍ନ ନେବାକୁ ତ୍ରୁଟି କରିବ ନାହିଁ ।

ଦୁନିଆ ଦାଉରୁ ମୁକାଳି । ପ୍ରିୟତମା ପରି ଅବଳାର ସ୍ପୃହା ସଜାଡି ଦେବ ସଦା ସୂଚ ସମାଜର ଟିକି କୋଣରେ । ଇତି ।

ତୁମରି

ବି···କି···ବା···

ବିପ୍ଳବ ପ୍ରକାଶ
ସ୍ମୃତି ସଦନ
ବ୍ରହ୍ମପୁର, କଟକ

9/413
1.6.60

ଭୁବନେଶ୍ୱର
ଫାଲ୍‌ଗୁନ ପୂର୍ଣ୍ଣିମା
ସନ ୧୯୬୦

ଅଜଣା ରାଇଜର ରାଜକୁମାର !
ଜାଣେ—;
"—ନଥିଲା ତମର ପକ୍ଷୀରାଜ ଘୋଡା ।"
ନଥିଲା—;
"—ଖୋଲମୁଦା ଖଣ୍ଡା ।"
ଆଉ ମଧ୍ୟ ନଥିଲା—;
"—ଜରିମୋଡ଼ା ମଲମଲ କପଡାର ରାଜ ପୋଷାକ ।"
ଅବଶ୍ୟ—;
ମାମୁଲି ବେଶ ପୋଷାକରୁ ଯେ ବାର ହେଉ ନଥିଲୁ—;
—ତାହା ନୁହେଁ ।
ନଥିଲା ତମର ପଳାଶ ଫୁଲିଆ ରଂଗୀଣି ଶିରପା ।
କିନ୍ତୁ; କହୁଲ ଭଲା—;
"—କୋଉ କନ୍ଦର୍ପ ଜାଣା !"
ମଦନ ସୁନ୍ଦର ରୂପ ଘେନି ଆସି ଯେ—;

ମୋ ସପନ ପୁରୀରେ ପଶି ପାରିଲ ।
—ତାହା ତ ମୁଁ ଅସ୍ୱୀକାର କରି ପାରୁନାହିଁ !
ରତି ପତିପରି—;
ଫୁଲ ଦେହରେ ମନ୍ମଥ ପେଶିବା ପାଇଁ ।
"—ନଥିଲା ତ ତମର ଫୁଲଶର !"
ବୁଝିଲି; ବୁଝିଲି ଏଥର ।
ବୋଧହୁଏ—
—ତମ ହାତରେ ଥିଲା କାଉଁରୀ କାଠି !
"—ଛୁଆଁଇଲ ଦେହ ଦେହଳୀରେ ।"
"—ଫିଟିଗଲା ମନ କବାଟ ।"
କନକ ଦେହରେ—;
ପରଶ ମଣି ନଖ ହେଲା ଭଳି ।
ଭାନୁମତୀ କୁହୁକ ବଳରେ କି କେଜାଣି !
ଯୋଖି ହୋଇଗଲ କନକ କାନ୍ତି ଅଙ୍ଗ ପୁଲକରେ ।
ସୁନାକୁ—;
ଉହଳ ନିଆଁରେ ତରଳେଇ ।
ଆପଣା ଛାଞ୍ଚରେ ସଇତୁଲେଇ ନେଲା ଭଳି ।
ପ୍ରେମ ପଞ୍ଜା ଅନଳରେ—;
"—ପିଘିଲେଇ ନେଲ ହାଟକ ହିଆ ।"
ଅବିକଳ ଛାଞ୍ଚରେ ସଜାଇଲା ଭଳି ।
ଲେଖି ହେଉ ନାହିଁ କିନ୍ତୁ—;
ଅନିର୍ବଚନୀୟ ସୁଖାନୁଭବ କି ଅଲୁହା ଶୃଙ୍ଗାର ଭାବ !
ଝଙ୍କେଇ ଝଙ୍କେଇ ।
ବେଶ ଜମାଣିଆ ମଜଗୁଲରେ କିନ୍ତୁ ।

"—ଶୀତଳ କଲ ପ୍ରାଣ ।"
ମଣିକାର—;
ନିକଟରେ କମ୍ପିଲା ଭଳି ।
"—କର ବଣା କାଠିରେ ।"
ଟୁଙ୍କୁଟେଇ ଟୁଙ୍କୁଟେଇ ।
"—ଚୁଲକଷ କରି ନେଲ 'ତମେ' !
ଲକ୍ଷ୍ମୀ ଭଣ୍ଡାରର ଗୋପ୍ୟ ଧନ ସବୁ ।
ମୁଖ୍ୟ ବନ୍ଧନ ବିଦ୍ୟା ହାସଲତ ଥିଲି କି ନାହିଁ ଜାଣେ ନା ।
ମନ୍ତ୍ର ମୁଗ୍‌ଧ ପରି ।
ସତେ ଯେମିତ ଅଗୁଆ ରୁକ୍ତରେ ବନ୍ଧା ଥିଲି ଭଳି ।
ନାହିଁ···
—କହିବାକୁ ସହିତେ ଅଠାଳିଆ ଧରି ଯାଉଥିଲା ଜିଭଟା ମୋର ।
ଆଉ; ଟିକେ ଅଧିର ଦେଖା ଦେଖିବା ଆଶାରେ ।
ଦରମୁଦା ଆଖି ପତା ତଳେ ।
ହଜି ଯାଉଥିଲି ଧୃତି ।
ନିମିଷ ଲୋକଷାଣରେ ।
ଅଧୀର ହେଲି ଯେ କୋଉଠୁ କେତେ ସରକ୍ତ ।
କଳା ବଜାରଙ୍କ ପରି ।
ଥିରି ଥିରିଆ ଶଣ୍ଠିଠାରରେ ।
କହିଲ ଆଶ୍ୱାସନା ବାଣୀ ।
"—କଲ ଅଙ୍ଗ ରାଜ୍ୟରେ ବିହାର ।"
ପରମ ସୁଖରେ ।
ପ୍ରଚାରିଲ ସୁଲଭ ପ୍ରେମ ବଣିଜ ।
ସେତ ଜଣା ଶୁଣା କଥା—;

ଭାଉ ବଟାରେଷ୍ଟ ସେତେ ସବୁକ ମଙ୍ଗ ଅମଙ୍ଗଙ୍କ ହିଙ୍କା ଓଟର ନଥିଲା
ତୁମଆଙ୍କୁ ଅବଶ୍ୟ ଅଗୋଚର ନୁହେଁ ।
"—ସେତ ସବୁ ମନ-ମନକା ସଉଦା ।"
ରାଜ କୁମାର !
ବାସ୍ତବରେ—;
ତମେ ମୋ ସପନ ପୁରୀର ରାଜ କୁମାର ।
କିନ୍ତୁ—;
ଅନୁହତ ଫଳ ମିଳଗଲା ଭଳି ।
ଯଥାର୍ଥ ଅନୁଭୂତିରୁ ଜାଣୁଛି ।
ତମେ ହେଉଛ—ସଉଦାଗର ପୁଅ ।
ହକ କଥାରେ ଫିଟେଇ କହି ବସିଲେ ।
"—ଆଉ ସବୁ ବେଭାର ମିଛ ।"
କେବଳ—;
—ବଣିକ ତମର ଏକମାତ୍ର ବେଉଶା ।
ବଣିକ ସଇଲେ ।
ଦରିଆ ମଝିରେ ମୟୂରପଙ୍ଖୀ ନାହା ମେଲି ।
ହଟି ପଡଥାଅ ଆର ପାଖକୁ ।
ଏପାର ପଟ୍ଟାରଙ୍କ କାତର ମିନତିରେ । ବିଲକୁଲ ପାଲଟି ଯାଇଥାଅ ବଧିର ।
ରାଜ କୁମାର !
ସେ ସବୁ କଥା ଯାହା ହେଉନା କାହିଁକି । ତମେ କିନ୍ତୁ ମୋ ସପନ ପୁରୀର ରାଜ କୁମାର ବ୍ୟତୀତ ଅନ୍ୟ କିଛି ନୁହଁ ।
ତେବେ; ଅନୁମାନରୁ ମାତ୍ର ଏଇ ଟିକିକ ବାର ପାରୁଛି ।
ପ୍ରକୃତରେ—

[ ଗୁରୁ ]

ପ୍ରିୟବ୍ରତମାର ଶଠି

ଥାଆନ୍ତା ଯେବେ ତମର ପକ୍ଷୀରାଜ ଘୋଡ଼ା ।
ସଂଯୁକ୍ତାକୁ ସାଙ୍ଗ କରି ।
ପୃଥ୍ୱୀରାଜ ପରି କୋଉ ମାର୍ଗକୁ ଯେ ଘେନି ଯାଇଥାନ୍ତ—;
ତାହା କଳ୍ପନା କରି ହେଉ ନାହିଁ ।
ତେବେ କ'ଣ ସେହି ଅପାରକ ଦୋଷରୁ !
ମହୁମାଛି ପରି ।
ପୁଷ୍ପିତା ସଁଆରରୁ ମହୁ ପିଇସାରି ।
"—ଅନ୍ତର ହୋଇଗଲ !"
ରାଜ କୁମାର !
ତଥାପି—;
ମାନସ ପଟରେ ଅକଳନୀୟ କଳ୍ପନାର ଛବି ଅଙ୍କିଲା ଭଳି ।
ଭାବୁଛି···
ତମେ ଯେବେ ହେଇଥାନ୍ତ—;
"—ତୀର ଧନୁକ ଧାରୀ ଦୁଷ୍ମନ୍ତ ।"
ନିଶ୍ଚୟ—;
ଶକୁନ୍ତଳାକୁ ଦେଇ ଯାଇଥାନ୍ତ ଅଙ୍ଗୁରୀୟ ।
ତା ହେଲେ କ'ଣ ତହିଁ ଅଭାବରୁ !
ବସନ୍ତ କୋଇଲି ପରି—;
ମଧୁ ଯାମିନୀ ପୁହାଇ ।
"—ଅନ୍ତର ହୋଇଗଲ ଅଜାଣା ରାଇଜକୁ !"
ରାଜ କୁମାର !
ଶେଷକୁ ଏତକି ଦୁଃଖ ଯେ—;
ଅଶ୍ରୁମାନଙ୍କେ ହେଲେ ଘେନା କରି ପାରିଲ ନାହିଁ ।
"—ଚନ୍ଦ୍ର ସୁହାଗୀନି କୁମୁଦୀନିର ହୃଦୟ ଭାବ ।"

ନ ହେଉଥିଲେ ନ ହେଉଥାନ୍ତା ପଛକେ ।
ଭଲ ନ ଲାଗୁ ଥିଲା ତ ଧ୍ୟାନ ଦେଲ କାହିଁକି !
ତା ବ୍ୟତୀତ—;
ଚକୁଅ ଚକା ପରି ଭିନ୍ନ ଭିନ୍ନ ସ୍ରୋତରେ ।
କୁସୁମ ବତୀକୁ କୋକୁ ଅନ୍ତର କଲାମିତ ।
ବିନାତୁର ଯାମିନୀ ଯାମ ପୁହାଇ ପାରିଥାନ୍ତ ତ !
ଆଜ—;
ଯଦିଚ ବାନ୍ଧୁ ବସିବ ମୋ ଦୋଷ ଗୁଣ ।
ତେବେ—;
—କହୁଛି ଶୁଣ ।
କାଳେ କାଳେ ଡରି ମଲା ଏ ସ୍ତ୍ରୀ ଜାତିଟା ।
ଛାଁ ଅରଜିଲା କରମ ।
କିଏ କ'ଣ କରିବ !
କେବଳ ତାଙ୍କ ନିଜନ ପଣରେ ସବୁ ସାରି ବସନ୍ତି ସେମାନେ ।
ତଥାପି—;
—ତାଙ୍କ ଜୀବନକୁ ଦେଖ ।
ଯିଏ ଯେତେ ଛୁଆ ମିଳ ଖେଳୁନା କାହିଁକି ।
ଅଳି କୁଳ ମେଳରେ—;
—ଫୁଟନ୍ତ ଫୁଲର ଦଶା ପରି ।
ସହସ୍ର ଶଯ୍ୟାର ନାୟିକା ହୋଇ ମଧ୍ୟ ।
ଫୁଲ ହେଇଥାନ୍ତି ପଥର ।
ରାଜ କୁମାର !
ମୋର ଏହି ଫୁଲ ଦେହ ।
ଅହଲ୍ୟାଙ୍କ ପରି ପାଷାଣୀ ହେବାକୁ ତଳେ ହେଲେ ପରୁଆ କର

 ପ୍ରିୟତମାର ଚିଠି

ନଥିଲୁ ।
କାରଣ କ'ଣ ଜାଣ ?
ପୁରା ମାତ୍ରାରେ ବିଶ୍ୱାସ ଥିଲା ମୋର ତମ ପ୍ରତି ।
ପକ୍କା ହାତ ଦ'ହା ତମର ।
"—ପଥର ଗେଣ୍ଠି ଚକଟି ।"
ନେସେମା ପଙ୍କ ପେଣ୍ଡୁଲା ଗଢିବାର ପଇଟି ଜାଣି ଥିଲ ବୋଲି ।
ନାହିଁ କାହିଁକି ?
ତମେ ତ ସେହି କାରିଗର !
ସେହି ଧରମା ଦେଶର ଶିଳ୍ପୀ ତମେ !
କଳା ପ୍ରେମି ଭାସ୍କର କୁଳର ଉଜ୍ଜ୍ୱଳମୟ ଗଉରବ ।
ଦଇବ ଆନ ପାଇଁବାକୁ ।
ଯଦବା ସେ ଗଉରବ ଲଘୁତ୍ୱ ଅରଜିଲ ।
—ଭଞ୍ଜ ଭଣିତାରେ ।
କଳାବତୀ ରୂପକୁ ବର୍ଣ୍ଣି ବସିଥିଲ ବେଳେ ।
ଇନ୍ଦ୍ରିୟ ସୁଖ ବିଳାସୀ—;
—ଇନ୍ଦ୍ରପର ।
ଶେଷରେ—;
ସହସ୍ର ଯୋନୀ ଅଙ୍କନକୁ ଚାହିଁ ।
ଚାରୁ କଳା ସ୍ମୃତିମାନ ବିଭ୍ରମ ହୋଇଗଲ କାହିଁକି ?
ରାଜ କୁମାର !
ଏହି ଧରଣୀ କୋଳରେ
କେବଳ ତମର ମୋର କାହିଁକି !
ପ୍ରେମକଳା ବିକାଶମୟ ନିପୁରରେ ମଧ୍ୟ ।
—ତମ ଠାରୁ ବଳି ଜିତେନ୍ଦ୍ରୀୟ ପୁରୁଷ ।

ବିହାର କରୁ ଥିଲେ ସୂର୍ଯ୍ୟ ରଥରେ ଚଢ଼ି ।
ମନ କିଣା ଉଦୟ ଭାନୁ ବେଶରେ ।
ବିବାକ ନଜର ଫେରାଉ ଥିଲେ ।
ସକଳ କୁଳର ସବୁ ସୁନ୍ଦରୀଙ୍କଠେଇଁ ।
"—ଆଉ ମୁଁ ?"
ହଁ; ନିଶ୍ଚୟ ନୁହେଁ ।
ମୋ କଥା ଗୁଡ଼ାକ ବା କାହିଁକି ଗୃହିଣୀ ତଳେ ଛପେଇ ରଖିବ !
ବାସ୍ତବରେ—;
ଯିଏ ନିଜ ଦୋଷକୁ ଘୋଡେଇ ରଖେ ।
ତା ଠୁଁ ବଳି ଆତ୍ମ ଘାତକୀ ।
ଦ୍ୱିତୀୟ ପ୍ରମାଣ ପାଇଁ ଆଉ ଏ ଦୁନିଆରେ କେହି ନାହାଁନ୍ତି ।
—ମା କଥାରେ ସିନା ପାଞ୍ଚପୁଏ ବାଧ୍ୟ ହେଲେ ।
ଦ୍ରୌପଦୀର ଯେ ବିବାକ ମନ ନଥିଲା—;
—ଏ କଥା କହିବ କିଏ ?
ଛାଡ଼— ;
ସେ ଯାହା ହେଉନା କାହିଁକି ।
ଏକ୍ଷଣି ତମ ଆମ ଆଲୋଚନାର—;
—ମୂଳ କଥା ହେଉଛି ।
କୁନ୍ତି ସିନା ଜାଣୁ ଜାଣୁ—;
ସୁଅ ମୁହଁରେ ଭସେଇ ଦେଇଥିଲେ ।   କର୍ଣ୍ଣକୁ ।
କିନ୍ତୁ...
ଭାବୁ ଭାବୁ ଯେ ଦେହଟା ଶିତେଇ ଉଠୁଛି ମୋର !
ସଁବାଳୁଆର ଶରୀର ଭଳି ।
ଫୋଡ଼ି ଫୋଡ଼ି ହେଇ ଯାଉଛି ତୁମ ମୂଳ ସବୁ ।
ଜାଣିଲ ରାଜ କୁମାର !

[ ଅଠ ]

ପ୍ରିୟଢମାର ଷଠି

ତମେ ବିଶ୍ୱାସ କର ଅବା ନ କର ।
ଏଇସାଥେ—;
ଥାନ୍ତେ ଯେବେ ଶଙ୍ଖା ସିନ୍ଦୂର ।
ତାଙ୍କୁହିଁ ଛୁଇଁ ।
ଆହୁରି କାହିଁରେ କ'ଣ ବଡିମା ପଣରେ ।
ଏ ଧରଣର ନୁଚେଇ ଛପେଇବା କାହିଁକି !
କହୁଥାନ୍ତି ଜନ ସମକାର ଗୋଚର ନିମନ୍ତେ ।
ଚୁପ୍ ଚୁପ୍ କଥାରେ ନୁହେଁ ।
ଏହାଠାରୁ ବଳି ଆହୁରି ବଡ଼ ପାଟିରେ ।
ନା; ନା !
ମୁଁ ତ ତାହା ପାରିବି ନାହିଁ ।
"—କଦାପି ପାରିବି ନାହିଁ !"
ସକଳ ଗଲା ।
ଶୁଖି ଗଲେ ରସ ।
ତଥାପି ମାଲୁଣୀ କନ୍ତୁ ବହନ ସାଇତିବାକୁ ତୃଟି କରି ନ ଥାଏ ।
ଗଲେ ଗଲା !
କପୂର ଯାଇଛି ବୋଲି କଣ କନା ଖଣ୍ଡିଟାକୁ ବି ଫିଙ୍ଗି ଦେବ !
ଅରଜିଲା ଧନ ଏତେ ସହଜରେ—;
କେହି କ'ଣ ବରବାଦ କରି ପାରେ !
ତୁଚ୍ଛ ପକ୍ଷୀ ଜନମ ପାଇ—;
—ପିକବଣୀ ।
ଅର୍ଜିତ ସମ୍ପଦକୁ—;
କାକ ବସାରେ ସଜାଡ଼ି ରଖି ଆସେ ବିନାଶ ଭୟରେ ।
ମୁଁ ପରା ସକଳ ଜୀବଠୁଁ ବଳି ଶ୍ରେଷ୍ଠ ମାନବ ଦୁହିତା ।

କଥା ଖିଅରୁ ଆଉ ଗୋଟାଏ ପୁରାଣ କାହାଣୀ ମନେ ପଡ଼ି ଯାଉଛି
ମୋର ।
ତାଙ୍କ ଠାରୁ ବଳି ଆମ ହୃଦୟ କଣ ଏତେ ସଂକୀର୍ଣ୍ଣ !
ଯଦି ବା ମାମଲତି ତମ ଯାଏ ଯାଇଥାନ୍ତା ।
ତମେ କ'ଣ ତମ କର୍ତ୍ତବ୍ୟ ଦେଖେଇବାକୁ ଅକ୍ଷମ ହେଇଥାନ୍ତ !
କଥାଟା ହେଉଛି କ'ଣକି—;
ଠିକ ମାଘ ମୁଣ୍ଡା ମୁଣ୍ଡି ବେଳକୁ ।
ଗର୍ଭବତୀ ଯେତେବେଳେ ପତିଙ୍କୁ କହିଲା ।
—ହେ ନାଥ !
ମୁଁ ଏକ୍ଷଣି ଆସନ୍ନ ପ୍ରସବା ।
ରାସ୍ତା ସଜାଡି ଦିଅ ପ୍ରସବ ନିମନ୍ତେ ।
ପ୍ରାଣ ନାହାର ନିର୍ଦ୍ଦେଶମତେ ।
ପ୍ରସବିନୀ ଅଣ୍ଡା ପ୍ରସବିଲା ସମୁଦ୍ର ବାଲି ପଠାରେ ।
ମତଗର୍ବୀ ସମୁଦ୍ର ।
ଅଣ୍ଡା ପ୍ରସବ ଘଟଣା ଦେଖି ।
ବିବାକ ଛୁଞ୍ଛ ପାଇଁଲା ।
ଫୁଲି ଫୁଲି ଉଠିଲା ଆପଣା ମତ ଗର୍ବରେ ।
ଭାବିଲା; ଅପସାରଣ କରିବାକୁ କେତେକ ମାତ୍ର !
ବିଶାଳ ତେଉରେ ଭସେଇ ନେଲା ଅଣ୍ଡାଟିକୁ ।
ଭାବି ପାରୁଛ ରାଜ କୁମାର !
ଯିଏ ଏତେ କଷ୍ଟ କରି ଜନମ ଦେଇଥାଏ ।
"—ତା ଦେହ କି ସହେ !"
କାତର ଉକ୍ତି ଜଣେଇଲା—;
—ପତିଙ୍କ ନିକଟରେ ।

ନିସ୍ପୃହ; ନିକର୍ତ୍ତବ୍ୟ ସ୍ୱାମୀଟି ବିଚରା ।
ଅନ୍ୟ ଉପାୟ ନ ଦେଖି ।
ଫରିଆଦ ଜଣେଇଲା—;
ପକ୍ଷୀରାଜ ଗରୁଡ଼ଙ୍କ ସମ୍ମୁଖରେ ।
ବିଷ୍ଣୁଙ୍କ ବାହାନ ଗରୁଡ଼—;
**ବିଷ୍ଣୁଙ୍କ ଜରିଆରେ ।**
ଠୁଲ କରେଇଲା ଆଣି ସକଳ ଦେବତାଙ୍କୁ ।
ବିଚାର ସାବ୍ୟସ୍ତ ହେଲା—;
ଜଳ ଦେବତାର ଭୁଲ ।
ତହୁଁ ଜଳ ଦେବତା ଭୁଲ ସ୍ୱୀକାର ପୂର୍ବକ ।
ହେୟ ଜ୍ଞାନ କରୁ ଅବା ନ କରୁ ।
ତାଙ୍କର ଯେଉଁ ଅମୂଲ୍ୟ ପଦାର୍ଥର ଅପଚୟ ଘଟେଇ ଥିଲା ।
ସେଇ ଜନ୍ମ ଦାତା ଆଉ ଗର୍ଭଧାରିଣୀଙ୍କୁ ।
ନେଉଟେଇ ଦେବାକୁ ବାଧ୍ୟ ହେଇଥିଲା ଅଣ୍ଡାଟିକୁ ।
ବୁଝିଲ ତ—;
ସାମାନ୍ୟ ପକ୍ଷୀ ସେମାନେ ।
ଟିଟିଭ ଟିଟିଭି ହେଲେ କ'ଣ ହେବ !
କରାମତି ବାଛିବା ଦରକାର କରୁ ନାହିଁ ।
ତାଙ୍କ ହୃଦୟର ପରିଚୟ ପାଇଲ ତ !
ବିନାସ କାରଣରେ ବରବାଦ ନ ସହୁ ଯାର ।
ତେତିଶ କୋଟି ଦେବତାଙ୍କୁ ରୁଣ୍ଡ କରେଇ ।
ବିଚାର ବାଛି ନେବା ସଙ୍ଗେ ସଙ୍ଗେ ।
ସ୍ୱାମୀ ସ୍ତ୍ରୀଙ୍କର ମୁଖରେ ଫୁଟି ଉଠିଥିଲା ଯାର ପର ନାହିଁ ହରଷ ଭାବ ।
ତାଙ୍କ ରଙ୍କ ସମ୍ପଦଟିରେ ।

ବାରମ୍ବାର କର ଆପି ଦେଉ ଥାନ୍ତି ବାତ୍ସଲ୍ୟ ଚୁମ୍ବନମାନ ।
ତମେ ତ ଭୁଲି ଯାଇଛ !
ଏଥି ଆଲୋଚନାରୁ ମିଳିବ ଅବା କ'ଣ !
ତମ କଥା କହ ଆଜି କି ଫଳ ମିଳିବ ?
ମୁଁ କେବଳ କହୁଛି ମୋ କଥା ।
ମୋର ବା କେମିତି ସତ ବଳିବ କହିଲ !
ଆଉ ଶେଷକୁ ସେଇ ଠିକେକ ବା କାହିଁକି ହଜେଇ ବସିବି ।
ଯଦିଚ ଏଯାଏଁ ବୁଝିନି ।
ଜୀବନର ସମସ୍ତ କିଛି ହଜେଇ ବସିଛି ।
ଯୌବନ···!
କେବଳ ଯୌବନ କାହିଁକି !
ମନ, ପ୍ରାଣ, ରୂପ, ଯୌବନ, ମଦନକୁ ମୋହିତ କଲାଭଳି ଶୋଭା—;
—ଦେହ ଆଦି କର ନାରୀ ଜନମର ଯାବତୀୟ ପଦାର୍ଥମାନ ।
ଫିଟେଇ କହି ବସିଲେ—;
ତା ବଦଳରେ କ'ଣ ଯେ ପାଇଛି ।
ବୁଝୁଚତ ରାଜକୁମାର !
ଶୁଣିଲେ ଖିଆଲ ମଣିବ ହୁଏତ ।
ଏ ପର୍ଯ୍ୟନ୍ତ ସୁଦ୍ଧା—;
ତା ମୁଁ ନିଜେଇ ଜାଣେ ନା ।
ହଁ ପାଇ ନାହିଁ—;
ସମୟ ସାପେକ୍ଷ ମୁତାବକ ଯାହା ବା ପାଇବାକୁ ଯାଉଛି ।
ରାଜ କୁମାର !
ତମ ମନ ଯେ ସେଇ କଥା ଭାବୁଥିବ—;
—ତାହା ମୁଁ ବିଶ୍ୱାସ କର ପାରୁନାହିଁ ।

[ ବାର ]

ପ୍ରିୟତମାର ଚିଠି

ପ୍ରକୃତରେ—;
ତାହା କଦାପି ଫିଙ୍ଗି ଦେଲା ଭଳି ନୁହେଁ !
ମାତ୍ର ସେଇ ଚିଠିକହିଁ ମୋର ନାରୀ ଜନମର ମହା ପୁଣ୍ୟ ଫଳ ବୋଲି
ଜାଣୁଛି ।
ଯୋଉ ପୁଣ୍ୟ ଫଳର ଦୁର୍ଲ୍ଲଭ ସନ୍ତକକୁ ଦେଖି ।
ସ୍ୱଶସ୍ତି ସୁନ୍ଦର ଅୟୋଧ୍ୟପୁତ୍ର ।
ତାଙ୍କ ପ୍ରିୟା ବିଚ୍ଛେଦ କଥା ମନେ ପକେଇ ।
ଦାରୁଣ ମନ କଷ୍ଟ କରି ।
ଅମ୍ଳହରା ହେଇ ପଡ଼ିଥିଲେ ।
ଶେଷକୁ ଭରତ ବଳା ଯେ କାହାର—,
—ଜଗତର ଲୋକଙ୍କୁ ଅଜଣାରହିଲା ନାହିଁ ।
ଜାଣିଥାଅ ରାଜ କୁମାର !
ତମେ ଯୋଉ ମୁଲକକୁ ଯାଇ ଥାଅନା କାହିଁକି ।
ଘୁମୁରି ଘୁମୁରି ଅଣ୍ଟରେ ଧରି ଭୁଷା ଦେଲାଗଲା ଭଳି ।
ଯଦିବା ମୋର ପୋଷା କପୋତୀ ନ ଥିଲା ।
ତଥାପି ମୋର ମନ କପୋତୀ ।
ନାଇତ ଉଡି ବୁଲୁଛି ତମରି ଅନୁସନ୍ଧାନରେ ।
ବ୍ୟର୍ଥ ମନସ୍କାମନା ତାର ।
ଗୁମୁରି ମରୁଛି କେବଳ ଦିବସ ରଜନୀ ।
ତା ବ୍ୟତୀତ—;
—ମୁଁ ଯେବେ ମନ କରିଥାନ୍ତି ।
ପ୍ରକୃତରେ—;
—କେହି ହେଲେ କିନ୍ତୁ ବାଧା ଦେଇ ପାରି ନଥାନ୍ତେ ମୋତେ ।
ଉଦାସୀନ—;

ବ୍ରଜ ଶ୍ରୀରମଣି ପରି ।
ଯୋଉ ଗହନ ଗହଳ ହେଉନା କାହିଁକି ।
ବୀଜନ ବନ ପାରି ହେଇ ।
କଷ୍ଟେ—;
ତମ ଚରଣ ଚିହ୍ନକୁ ଚିହ୍ନି ଚିହ୍ନି ।
ଠିକ୍ ଠିକଣାରେ ପହଞ୍ଚି ପାରିଥାନ୍ତି ।
କିନ୍ତୁ, କ'ଣ କରିବି କହିଲ ?
ମୋର ଯେ ବିଲକୁଲ ଯିବାର ଉପାୟ ନ ଥିଲା ।
ତମର ଅଛି ବାହୁବଳ ।
ତମର ଅବା ପରୁଆ କ'ଣ ?
ବିପଦ ତମକୁ ଅତି ସହଜରେ ଘେରି ପାରି ନଥାଏ ।
ଅବଶ୍ୟ ତମ କଟିରେ ଯଦିଚ ନ ଥାଏ ସୁନା ରୁପା ।
ତମେ ତ ଜାଣ !
ମୋର ଯେ ବାହୁବଳ ନାହିଁ ।
ଏତେ ଦିନ ଧରି ତମର ବାହୁରେ ଭରା ଦେଇ ଚାଲି ଆସୁଛି ମାତ୍ର ।
ତେଣୁ ତମ ଠାରୁ ବଳି ।
ସଦା ସର୍ବଦା ବିପଦ ମୋ ପାଖେ ପାଖେ ।
ସୁନା ରୁପା ଥାଉ ବା ନ ଥାଉ ।
ସୁନା ଠାରୁ ବଳି—;
ସୁନାର ବରଣୀ ଦେହ ।
ରୁପାଠାରୁ ବଳି—,
ଅନିନ୍ଦ୍ୟ ସୁନ୍ଦର ରୂପରେ ।
ସମସ୍ତଙ୍କର ଯେ ସବୁ ବେଳକୁ ନିଘା !
କେବଳ କଥା ଦ୍ୱାରକୁ କହୁଛି ସିନା ।

ବବାକ ନିଶ୍ଚ ହେଇ ତ ଯାଇ ନଥାନ୍ତି ।
ଯୋଉଠି ଏତେ ସବୁକ ମାୟା ।
ନିଜର ଗହଣା ଗାଣ୍ଠି ଦଖଣ୍ଡ—,
ବାଠକୁ ସମ୍ବଳ କରି ।
ଅପଣା ଦେହ ଦେହ ।
ନେଇ ଯିବାକୁ ଲୋଭ ହେଉଥାନ୍ତା ତ !
ସେଇ ସବୁ କାରଣରୁ ମୋର ଭାରି ଭୟ ହେଲା ।
ତମେ ଠିକେ ନିଜେ ଭାବି ଦେଖିଲ ।
ମୁଁ କେବଳ ମୋର ଅଙ୍ଗୁଠାକୁ ଉଲେଇ କହୁ ନାହିଁ ମ !
ଘରୁ ଗୋଡ଼ କାଢି ଥିଲେ ।
ନିଛାଟିଆ ବାଟରେ ଯେତେବେଳେ ଏକୁଟିଆ ହୋଇ ଥାନ୍ତି ।
ଖଣ୍ଡେ ତସ୍କରଙ୍କ କଥା ବାଦ୍ ଦିଅ ପଛକେ ।
ଶଠ ଲମ୍ପଟଙ୍କ କବଳରୁ ତ ଉଧୁରି ପାରି ନ ଥାନ୍ତି !
ସତେକେ ସମସ୍ତଙ୍କଠୁ ବଳି—
ଇମିତକା ଉପକାରୀ ସେମାନେ !
ତମ ସାଙ୍ଗରେ ଭେଟ କରେଇ ଦେବା ବାହାନାରେ ।
ତମେ ତ ତମେ—,
ଆସମାନର ଅମୁକଙ୍କୁ ଧରିଆଣି !
ହାଜର କରେଇ ଦେବା କାଇଁତ ମାନବ କହ ।
ନିକଷା ପୁଅ ପରି ।
ସ୍ୱମ ଧରଣୀକୁ ଶୂନ୍ୟ ରଥରେ ଘେନିଗଲା ଭଳି ।
ଛୁଟ୍ଟା ଫାଙ୍କା କଥାରେ ।
ମାୟା ପୁଷ୍ପକରେ ବସେଇ ।
ଆସମାନକୁ ଟେକି ନେଉଥିବା ମରମ ଠିକଣା ।

ଶେଷ ସୁଯୋଗ ବଳରେ ।
ନିଜର ଲୋଭାର୍ଥୀ ଆଶାକୁ ।
ପୁରା ପୂରାଭାବେ ଚରିତାର୍ଥ କରିବା କ୍ଷଣରେ ।
ତାଙ୍କ ଖଳ ପ୍ରବଞ୍ଚନା ।
ଆଖିର ଦେଖାକୁ ବଳ ପ୍ରୟୋଗରେ ।
ବାହୁ ବନ୍ଧନରେ ବାନ୍ଧି ରଖିବାକୁ ।
ଏକାନ୍ତ ପୀଡ଼ା ପୀଡ଼ିତ କରି ନଥାନ୍ତେକି ?
ଏଥର ବୁଝିଲତ ?
ଯିବା ନ ଯିବା ଦ୍ୱାରା—,
ପ୍ରକୃତରେ ମୋର ଅପରାଧଟା କେଉଁଠି ?
ଯୋଉ ଦିନ ତମେ ମୋତେ ନ ସୁମୁରେଇ ।
ସାତ ପର ପରି—,
ନଥିଲା ସମ୍ବନ୍ଧର ଭାବ ଦେଖେଇ ।
"—ଗୁଲିଗଲ !"
ଭାବରେ ଭୁଲା ବନିତାମାନେ ।
ବନିତା ଲତା ପରି ।
କଣ୍ଟକମୟ ସିମିଳି ମୂଳ ଆଶ୍ରାକୁ ମଧ୍ୟ ପାଶୋରି ପାରି ନ ଥାନ୍ତି ।
ଅଣ୍ଟା ନହଙ୍କା—,
ମୋର ଆଶା ଲତିକା ।
ଜାଣିଥିବ ରାଜକୁମାର !
ଠିକ୍ ତାଙ୍କର ମାନଙ୍କ ପରି କିନ୍ତୁ ।
ତମରି ଆଶ୍ରାକୁ ଲୋଡ଼ି ।
ସେଦିନ ଫୁଲ ସଞ୍ଜ ବେଳୁ ଯେ—,
ପ୍ରାୟ ରାତି ପହରେ ଯାଏ ।

[ ଖୋହଲା ]

ପ୍ରିୟତମାର ଚିଠି

ଅବିକଳ ବନ ହରିଣୀ ପରି—,
ଖାଲି ଡିରି ମାରି ହେଉଥାଏ ଚଞ୍ଚଳା ମନ ହରିଣୀଟା ।
ଜୋଛ୍ନା ଛୁଆଁ ଚହଟା ଉପବନରେ ।
ଅଉଟିକେ ଉଚ୍ଚାଟନ ଅଣି ।
ବିରହିଣୀ ପ୍ରାଣରେ ବାଧା ଦେଲା ଭଳି ।
ସେତିକି ବେଳେ ପୁଣି ପୂରୁବ ଆକାଶରେ ପୁହ୍ନେଇ ଜହ୍ନଟା—
ଉଇଁ ଆସୁଥାଏ ପୁଲକି ପୁଲକି ।
ମନ୍ଥର ପବନରେ—,
ଝିରି ଝିରି ହେଇ ଝଡ଼ି ପଡୁଥାନ୍ତି ବକୁଳ ବାଥିକା ସବୁ ।
କାନନ ବାଳାର ଅଭିସାର କୁଞ୍ଜରୁ ।
ପରିତୋଷିଣୀ ନିଶି ଗନ୍ଧା—,
ପୁଲ୍ ବଇଁଶୀ ବଇଁଥିଲା ଭଳି ।
ପରିମଳ ଗନ୍ଧରେ—,
ଚମକି ଚମକି ଉଠୁଥାଏ ଛନକା ଛାତିଟା ।
ବଣର ହିଂସାତ୍ମକ ପଶୁପରି ।
ହିଂସାଳିଆ ପାଖ ପଡ଼ୋଶୀଙ୍କ କଥାତ ତମକୁ ଅଜଣା ନୁହେଁ !
କୋଉ ଅରମା ଅତୁଆଳରେ ଅକସ୍ମାତ !
କିଏ କଦବା ମୁହଁ ଗଳେଇ ।
"—ଓରେ ଉଣ୍ଡ୍ରୁ ଉଣ୍ଡ୍ରୁ ଟେର ପାଇଯିବ କାଲେ !"
କ'ଣ ଯେ କରିବ ଥୟ କରି ପାରି ନଥିଲି !
ରାଜ କୁମାର !
ତମେ ଯେବେ ଆସିଥାନ୍ତ ।
ଆଉ କିଛି ଉପକାର କର ଅବା ନ କର ।
ଦେଖି-ଯାଇଥାନ୍ତ ତ !

2

ଦଶ ଦଶାଠୁଁ ବଳି କେତେ ସବୁକୁ ଯେ ଦୁଃଖଟା ଥିଲା ମୋର ।
ଗୁହିଁ ଗୁହିଁ ଆଖି କାଗଡ଼ା ପଡ଼ି ଆସୁଥାଏ ।
ଆଖର ବେଲକୁ କାହାତ ନ ହବା କଥାରୁ ।
ଅନ୍ତରର ମାୟା କାଙ୍ଗାଳୁଣୀ—;
ଆଦୌ ଖିଜ ହେଉ ନ ଥିଲା କାନ୍ଲୁ ।
ତଥାପି ନେଉଛି ଆହିଥିଲ ଅତ ବାଧରେ ।
ଜାଣେନା—;
ଏ କଥାରେ ତମେ ଧରତେ ଯିବ କି ନାହିଁ ।
ଶୁଣିବା କଥା ।
ଆମ ଘରେ କୁଆଡ଼େ ଶନିଙ୍କ ଦୃଷ୍ଟି ଶୁଭ ନ ଥିଲା ।
ପୋଡୁଆଁ ପୋଖତର ଦୋଷର ଅନୁଭ ଶାଳରେ ।
ଶନି ପଞ୍ଚୁଆତ ନ ଯାଉଣୁ ।
ପୋତାଘର ଘଟି ଥିବାରୁ ।
ଏଇ···ମନେ କରନା ଯେମିତ—;
ମୋ ଉପରେ ମହିଆଁ ମରି ଯାଇଛନ୍ତି ।
ସେହି ଧରଣର ମଲା ପୁଅ ଅନ୍ତେ ।
ପୁନଶ୍ଚ ଯାହାଙ୍କର ସନ୍ତାନ ଜନମ ହୋଇଥାନ୍ତି ।
ସେ ପିଲାଟିଲ୍ ।
ମା ବାପାର ହେଇଥାନ୍ତି ଅପଣିଆ ଅପଣିଆଣୀ ।
ସେଇଥି ପାଇଁ ପର ଛ ମାସିଆ ବେଳୁ—;
ମୋର ଅଉ କୋଉତ ପାଇଁ ଡାହାଣ ନାକଟା ଫୋଡ଼ା ହୋଇଥିଲାକ ?
ତାହାର ଏକମାତ୍ର କାରଣ ଥିଲା—;
ଶନିଙ୍କ ଅଶୁଭ ଦୃଷ୍ଟି ପଡବ ନାହିଁ ବୋଲି ଅଉ ।
ନାଲି ପୋହଲା ଗୁନ୍ଥା—;

 

ବନ୍ଧା ହୋଇଥିବା ସୁନା ଫାସିଆ ପ୍ରମାଣରୁ ।
"—ତମେତ ଜାଣ !"
ମୁଁ କିନ୍ତୁ ସେହି ଅପରିଚିଅଣୀଙ୍କ ଠାଉଁ ବଳି ଆହୁରି ଉତ୍ସୁକର ।
ହଠାତ୍ ନିଜ ଛାଇକି ଦେଖି ପରି ଚମକି ପଡ଼ୁଥାଏ କାହିଁରେ କ'ଣ ।
ଡେଇଁକି ପୁଣି ସବ କାଲଟା ।
ଏ ସବୁ ଦେଖିକି ଆଉ ଦମ୍ଭ ଧରି ରହି ପାରେ ମୁଁ !
ଝୁଲୁ ଝୁଲିଆ ପୋକ ଗୁଡ଼ାଙ୍କ ଉପରେ ନିଘା ପଡ଼ି ଗଲାରୁ ।
ଦେହଟା ଉଲୁସି ଉଠୁଥିଲା ।
ବାଉଁଶ ପତର ପରି ଥରି ଦୋଟି ଯାଉଥିଲା ଚାରିକୁଣୀ ଭୟରେ ।
ଜାଣୁଛ ରାଜକୁମାର !
ଅଧିକ ସେଇ ଛୁନିଆରେ ପରି—;
—ପଳେଇ ଆସିଥିଲି ସିନା !
କେବଳ କ'ଣ ଗୋଟାଏ ହଜେଇ ଥିଲି ଭଳି ।
ବହୁତ କିଛି ଗୋଳେଇ ଘାଣ୍ଟି ହେଉଥାଏ ମନଟା ।
ସେଥିରେ ପୁଣି ଆହୁରି ଦହଗଞ୍ଜ ଲାଗୁଥାଏ ହଟହଟିଆ ନିଝୁମ
କାଳଟାକୁ ଦେଖି ।
କେତେ ନିଉଛୁଣା ରାତିଟା କେଜାଣି !
ପାହିବାକୁ ମନ କରୁ ନଥାଏ ଜମାରୁ ।
ଶେଷକୁ ଭାରି ଧିକାର ଚିକାର ହୋଇ ।
ବିବାକ ଖାଡ଼ା ଖାଡ଼ା ଅନ୍ଦ୍ରାରେ ।
ନାହିଁ, ନାହିଁ; କୌଣସିମତେ କଟିକାଟି ଯାଇଥିଲା ସେ ରାତିଟା ଜାଣ ।
ପଦବା କେତେଗୋଟି ପ୍ରହର ପରେ ।
ଆସ୍ତେ ଆସ୍ତେ ଅପସରି ଆସୁଥିଲା ।
ଚନ୍ଦ୍ରରୁ କଳଙ୍କ ଲିଭିଗଲା ପରି—;

ପ୍ରିୟତମାର ଚିଠି [ ଉଶେଇଣ ]

—ତମସାର କାଳିମା ।
ଗୁହାଁଲି ଝରକା ଫାଙ୍କରେ ।
ଝଟେତ ଆସୁଥିଲା ପବନ ଦୂତ ।
ସତେ ଯେମିତ କାନେ କାନେ କହୁଯିବ ତୁମର ବାରତା !
ଉଷାର ନୂତନ ଆଲୋକରେ ।
ଦଶି ଯାଉଥାନ୍ତା ଚଉଦିଗର ଅଧୁ ଅଧାଲିଆ ଛବି ।
ଶୁଭିଲା କାକଳୀ କୂଜନ ।
ମନେ ହେଲା ତମେ କବି—;
—ଗାଉଛ ବୋଧହୁଏ ପ୍ରଭାତୀ ରାଗିଣୀ ।
କ୍ଳାନ୍ତ ନୟନ ଯୁଗଲ ମେଲି—;
—ଗୁହାଁଲି ଚକିତେ ।
ନା, ନା···!
ନିହାତ ଭ୍ରମରେ ପଡିଥିଲି ମୁଁ ।
—ଶେଷକୁ ସତ ମଣିଲି ଏକା !
ଯଦି ପ୍ରକୃତରେ ତମର କଲକଣ୍ଠ ହୋଇଥାନ୍ତା !
ତେବେ କାହିଁକି ଅଶ୍ରୁ ବୋଳା ନୟନରେ !
ତେଙ୍ଗରୁ ଖସି—;
ଅବନୀରେ ଲୋଟି ପଡୁ ଥିଲେ !
ଶିଶିର ସିକ୍ତ ଫୁଲଦଳ ସବୁ !
"—ଦେଖିଲି; ତମେ ନାହଁ !
ସୁନିର୍ମଳ ଆକାଶ ମାର୍ଗରେ ।
"—ଗାଉଥିଲା ବିହଙ୍ଗିନୀ ।"
ଗାଉଥିଲା ତା ମିନତି ସ୍ୱରରେ ।
ଜଣାଉଥିଲା ବୁକୁଫଟା ହୃଦୟ ବେଦନା ।

ଉଡି ବୁଲୁଥିଲା ବାଦଲ ନଜକରେ ।
ଭେଟିଥାନ୍ତା ଯେବେ ବାରଦ ବନ୍ଧୁକୁ ।
ମେଣ୍ଟେଇ ପାରିଥାନ୍ତା ଅନ୍ତରର ସକଳ ପିପାସା ।
—ଦେଖିତା ଅକୁଳ ବିକଳ ।
କହୁଥିଲି ସମ ବେଦନା ସ୍ୱରରେ ।
—ଲୋ; ଚାତକିନୀ ସଖି !
ଶୁଣିଛୁକି ମୋ ଦୁଃଖ ବାରତା !
ମୁଁ ମଧ୍ୟ ଭୋଗତମାନ କରୁଛି ।
"—ତୋହପର ସମାନ ଦଶାକୁ ।"
ତୋ—ମୋ ଭିତରେ ।
ତଫାତ୍ କେବଳ ଏତିକି ।
ତୁ ଡାକୁଛୁ—
ଉର୍ଦ୍ଧ୍ୱ ଗଗନରେ ଉଡି ଉଡିକା ।
ଆଜ ମୁଁ—;
ଡାକୁଛି ନିଃଶବ୍ଦ କଣ୍ଠରେ ।
ମରତ ଭୂଇଁରେ ନିରିମାଖି ପରି ।
ଜାଉଁଳ ରାଜ କୁମାର !
ଯଦିବା କୌଣସିମତେ ପାଉଥିଲି ସ୍ୱଭାବସ୍ଥ ।
ପୂର୍ଣ୍ଣ ବିଶ୍ୱାସ ହେଉଥାଏ ।
ସେଦିନ ପ୍ରଭାକରଙ୍କ ରଥରେ ।
ଯୋଚା ହୋଇଥିଲେ ଛୁଞ୍ଚା ହଡ଼ା ଘୋଡ଼ା ପଞ୍ଝିଏ ।
ମୋର ବା ଯୁ କେତେ ସରିକି କହିଲ !
ପଛପଟୁ ଠେଲା ପେଲା କଲାଭଳି ।
ଚକେ ଗୃଳି ଥକାଗଲା ପ୍ରାୟ ।

କେବଳ ରହି ରହିକା ।
ନାହିଁ ନାହିଁ ଅତି କଷ୍ଟରେ ।
କୌଣସିମତେ ଗଡ଼ି ପଡିଥିଲି ଜାଣେ—;
—ନିପଟ ସେ ଦିନଟା ।
ତହିଁରୁ ବଳି ଆହୁରି ଉହାଳ ବିକଳରେ ।
ସ୍ୱଚ୍ଛ କାଚ ଚକ୍ଷୁପରି ।
ନିରବଧି—;
ଏଣିକି ତେଣିକି ।
ଗୁହିଁ ବୁଲୁଥାନ୍ତି—;
କ୍ଳାନ୍ତ ବୁଲିଆ ଆଖି ଦିଠାଯାକ ।
ଯେତେ ଜୁଆଡ଼କୁ ଆଖି ଫେରେଇଲେ କ'ଣ ହେବ ।
ତମପରି କିନ୍ତୁ କେହି ହେଲେ ଜଣେ ଦିଶୁ ନ ଥିଲେ !
ଅତି ଅସହଣୀୟ ହୋଇ ଉଠୁଥାଏ ନୀରସ ମୁହୂର୍ତ୍ତ ଗୁଡ଼ିକ ।
ଆହୁରି ଉତଳା କରୁଥାଏ ମୂର୍ଚ୍ଛନା ଭରା ଗୋଧୂଳି ଲଗ୍ନଟା ।
ଯଦି ବା ପୁନଶ୍ଚ ନେଉଟି ଆସିଥିଲି ।
ସେହି ସଙ୍ଗ ସୁଖ ପୂର୍ଣ୍ଣ ମଧୁର ସନ୍ଧ୍ୟା ।
ଦୂର ସୁମେରୁ ଶିର ସେ ପଟୁ ।
ଝଡ଼ୁଷଣି କାନ୍ତାପରି ।
ଆସୁଥାଏ ବିନୋଦିନୀ ସନ୍ଧ୍ୟା ।
ଯୌବନ ଫୁଟି ଦିଶୁଥିବା ପତଳା ଶାଢ଼ୀପରି ।
ଝିଲ୍ ମିଲିଆ ସୁନୀଳ ବସନରେ ।
ଢାଙ୍କି ରଖୁଥାଏ ଆଖି ଝଲସା—;
ତାର ସେହି ଫୁଲ ଦେହଟିକୁ ।
ତରଳ ଓଢ଼ଣା ଆଢୁଆଳରେ ।



ପ୍ରିୟଭମାର ଶଟି

ଣି ମୃଗୀ—;
ଅନାଉଥାଏ ଅଲପେ ଅଲପେ ।
ସ୍ତେ ଯେମିତ—;
—ଅତ ସରମରେ ।
ଝୁଲି ପଡୁଥାଏ କେତେ ପ୍ରେମବାଣୀ ।
ନବ ନୀଲୋତ୍ପଳପର—;
ଅବନତ ଦଶୁଥାଏ ଆଖି ଦ'ଟାକ ।
ମ୍ଭ୍ରମ ଆଉ ଶଙ୍କୋଚରେ ।
ଛନ୍ଦୁର ହୋଇ ଯାଉଥାଏ—;
ପେଲାର ଚଞ୍ଚଳ ଚରଣମାନ ।
ନାସିକା ପୁଡ଼ା ମାନଙ୍କରୁ—;
ବହି ଯାଉଥାଏ ଝର ଭର ହୋଇ ମଳୟ ପ୍ରବାହମାନ ।
ମନେ ପଡେକି ରାଜ କୁମାର !
ଯେଉଁ ସବୁ ଅତୀତ ସନ୍ଧ୍ୟାରେ ।
ନାଇତ ତମ ସାଥିରେ ମୋର ମିଳନ ହୋଇଥାଏ ।
ଆମ ମୁଲକରେ କନ୍ତୁ—;
ଭ୍ରର ଗୋଟାଏ ରଙ୍ଗ ପଦାର୍ଥ ଥିଲା ମାନ ସେଇଆ ।
ପ୍ରତ୍ୟେକ ଥର ପାଇଁ—;
—କେବଳ ତମର ସକାଶେ ପରା ।
ସଜାଡ଼ି ନେଇଥାଏ—;
"—ଗପା ଭର୍ତ୍ତି ।"
କନକ ଫରୁଆ ଆକାର ପ୍ରକାର ।
ପାଗଲା ଢୁଲୁ ଢୁଲୁଆ ପିଜୁଳିମାନ ।
ପହୁଲେ—;

ତମ ନଜର ନ ପଡିବା ପାଇଁ ।
କାନି ତଳେ ଯେତେ ଲୁଚେଇ ରଖିଲେ କ'ଣ ହେବ ।
ତମେ ପରା ଘାସ୍ଫୁଲ ମିଶିଲା କର—;
—ବଳେ ବଳେ ଛଡ଼େଇ ନେଇଥାଅ ।
ଇମିତକା ତମ ଉଦ୍ଭଟ ପଣରେ ।
ମୋର ଯେତେବେଳେ ମନ ଉଣା ହୋଇ ଆସେ ।
ମନ ମାରି ବସିଲେ—;
ବସେଇ ଦିଅବା କୋଉଠି !
ବୁଲି ବୁଲିକୁ ପାଗଲା କଦଳୀର ଲୋଭ ଦେଖେଇଲା ଭଳି !
ସେଇସାଥେ ପରା ରସେଇ ନେଇଥାଅ ।
ହଁ, କଅଣ କହୁ ଥିଲିତ···
ଆଚ୍ଛା; ତମର ସେ ସହରଅ ମିଠେଇଟିର ନାଁଟା କାହିଁକି—;
ଜମାରୁ ମନେ ରହେନା ମୋର ।
ହଁ, ହଁ; ରୁହ ଗୋ ରୁହ ।
ଜିଭ ଅଗରେ ଅଛି ଯିବ କୁଆଡ଼େ !
ଠିକ୍ ମନେ ପଡ଼ିଲା ଏଥର ।
"—ଆଶା ଦେଇଥାଅ ଚକ୍‌ଲେଟ୍ ଚଖେଇବାକୁ ।"
ସତେମ !
ମନ ସବୁଜ ବନ ଘେରା ଗାଁ ଟୁଅ ।
ପୁଷ୍ପିତା, ପଙ୍କଜ ନୟନା, କାମନା, ଅଞ୍ଜଳି, ନିବେଦୀତା—;
—ଏମାନେ ତ ସବୁ ସେଇକଥା କୁହା କୁହି ହେଉଥିଲେ···ଆଉ ।
ତାଙ୍କ ରସନାକୁ—;
ଚକଲେଟ୍ ଯେମିତି ଗୋଟାଏ କୁଆଡ଼େ ଡାଲି ଅମୃତ ଗଜା ।
ପୁଣି କୁଆଡ଼େ ସେହି ଅମୃତ ଭୋଜନରେ ।

କେବେ ହେଲେ ଭୋକ ମର ନ ଥାଏ ।
ଯେତେ ଖାଉଥିବ—;
ସେତେ କୁଆଡ଼େ ନୂଆ ନୂଆ ସୁଆଦର ନହର ଉଠୁଥିବ ।
କେବଳ ଆଶା ବଢୁଥିବ ଆଉଟିକେ···
ରାଜ କୁମାର !
ଏଇକ୍ଷଣି କିନ୍ତୁ କ'ଣ ଯେ ଗୋଟାଏ ହୋଇଛି—;
କାହିଁକି ରୁଚିଲା ପଦାର୍ଥରେ ମଧ୍ୟ ଭାରି କଷ୍ଟ ଅରୁଚି ଧରି ଯାଉଛି ।
ପ୍ରାୟ ରହିବାକୁ ପଡୁଛି ପାଟି ପେଟମାରି ।
ତମେତ ନାହିଁ—;
ଆଉ ବଳେ ବଳେ ଖୁଆଇବ କିଏ !
ହଁ—;
ଅସଲ କଥା କହୁ କହୁ ବାଉଳା ହେଲିଣି ଆସି ।
ରାଜ କୁମାର !
ସିଏ ଯାହା ପାଇଁ ଅଧିକ ଝୁରିମରେ ।
ଓ-ହୋ—;
ସେଇଥି ପାଇଁ କ'ଣ ଲମ୍ପଟ କହେଇ ।
ରାଧା କୃଷ୍ଣ ଛାଡ଼ି ଚନ୍ଦ୍ରାବଳି ପୁରେ ନିଶି ପୁହାଉ ଥିଲେ !
ଆଉ ଗୋଟାଏ ସନ୍ଧ୍ୟାର କଥା ମନେ ପଡ଼ିଗଲେ ଭାରି ସରମି ଯାଏ ମୁଁ ।
ଛୁଉଅନା ବନର ମାଲତୀ କୁଞ୍ଜରେ ।
ସେତେବେଳେ ଥିଲା ଭରା ମଧୁମାସ ।
ମଧୁ ଯାମିନୀ ।
କୁହୁ ତାନରେ ଗୀତ ଗାଇ ବୁଲୁଥାନ୍ତି ବନ କୋଇଲି ସବୁ ।
ଫୁଲରୁ ରସ ଶୁଙ୍ଘି ବୁଲୁଥାନ୍ତି ମଧୁପ ବନ୍ଧୁଗଣ ।
ସୁରର ପରଶରେ ଭାରି ତନ୍ଦ୍ରା ଆସିଗଲା ମୋର ।

ସୁଲୁ ସୁଲିଆ ପବନ ମଝିରେ ।
ଶୋଇ ଶୋଇ ଶୋଇ ପଡ଼ିଲି ନିଗାଢ଼ ନିଦରେ ।
ଠିକ୍ ଘଡ଼ିଏ ଅନ୍ଧାର କଟିଗଲା ଉତ୍ତାରୁ ।
ଗୁଁଜିକନା ଭାଙ୍ଗିଗଲା ନିଦଟା ।
ଗୁହାଁଳି ବେଳକୁ ଉଙ୍କି ମାରି ଆସୁଥାଏ ବଧୂ ସୁନ୍ଦର ।
ବୋଧହୁଏ ଚମକ ଭାଙ୍ଗି ଗୁଙ୍ଗା କରେଇବା ପାଇଁ ।
ତମ ଡାହାଣ ହାତଟା ଥିଲା ମୋ ଛାତି ଉପରେ ।
ଭାବିଲି—;
ତୁମକୁ ଟେର ନ ପାଇବାକୁ ଦେଇ ପଳେଇ ଯିବି ।
ଛାତିରୁ ଯେତେବେଳେ ଅଲଗା କଲି ଥାଣ୍ଟି ଯାଇଥିବା ହାତଟା ତମର ।
କାଢ଼ି ନେଉଟେଇବାକୁ ଯାଇ—;
ଭିଡ଼ି ମୋଡ଼ି ହୋଇ ଉଠିଲ ତମେ ।
ମୁଠା ପିଟେଇ କିଏ କ’ଣ ଛଡ଼େଇ ନେଲାଭଳି ।
ଅଣ୍ଟାଳି ହେଉ ହେଉ ମେଲିଲ—;
ନିଦ ମଳମଳ ଆଖି ଦିଟାକ ।
ପରିମଳଜୋଛନା ଆଲୋକରେ ଜକ ଜକ ଦିଶୁଥିଲା—;
—ତମ ଶ୍ରୀମୁଖ କାନ୍ତି ।
ମୁଁ କିନ୍ତୁ ତମ ଆଖି ସହିତରେ ।
ମିଳେଇ ପାରିଲି ନାହିଁ ଆଖି ।
ନୁଷୁଡ଼ି ପଡ଼ିଲା—;
ମୋ ଆଖିର ଉପର ପତା ଦି’ଟାକ ।
ମୁହଁ ହୋଇଗଲା ତଳକୁ ।
କାହିଁକି ଯେ ଏତେ ଲାଜ ମାଡ଼ିଲା—;
—କହି ପାରିବି ନାହିଁ ।

[ ଛବଣ ] ପ୍ରଯୁତମାର ଶଟି

ଏହିପରି ଭାବେ ।
ତମରି ଅଙ୍ଗ ପରଶରେ ।
କେତେ ସଂଧ୍ୟା ଯେ ବିତି ଯାଉଛି—;
—ତାର ସୁମାରି ନାହିଁ ।
ଆଉଥରେ ଫୁଲ ସଞ୍ଜ ଆଗରୁ ।
ଲୁଚିଥିଲି ଯାଇ ନଡ଼ା ଅଟେଇରେ ।
ସେତିକି ବେଳ ସମୟରେ—;
ତମେ ମଧ୍ୟ ବାହାରି ଥିଲ ସହଜ ଶୀକାର ସଂଧାନରେ ।
ଅଂଧାରୀ ଅରମା ଫାଙ୍କ ଦେଇ ।
ଦୂରରୁ ମୋର ଉଜ୍ଜ୍ୱଳ ଡୋଳା ଦିହଟାକ ଦେଖି ।
ମସ୍ତ ଏକ ବାଘୁଣୀ ଠଉରେଇ ।
କାଂଧରୁ ଖସେଇ ହାତକୁ ନେଲ ଗୁଳିଭରା ବନ୍ଧୁକଟାକୁ ।
ଯଥା ରୀତରେ ନାଖ ସଜାଡିବା ଦେଖି ।
ଶଙ୍କି ଗଲି ମୁଁ !
ହଜି ଯାଇଥିଲା ଲୁଚକାଳି ଖେଳର ସୁଆଗ ମୋର ।
ତରକ୍ଷରେ ବାହାରି ଆସିଥିଲି ବାହାରକୁ ।
ମତେ ଦେଖି ଭୀଷଣ ଅବାକ ହୋଇ ପଡିଥିଲ ତମେ ।
ଦେଖିଲ; ପ୍ରକୃତରେ ବାଘୁଣୀ ନୁହେଁ ।
ତମରି ପ୍ରିୟତମା—କିଶୋରୀମଣି ।
ତତକ୍ଷଣାତ୍ ହାତରୁ ଫିଙ୍ଗି ଦେଲ ବନ୍ଧୁକଟା ।
ଧାଇଁଆସି କୁଣ୍ଢେଇ ପକେଇଲ ମତେ ।
ସେଦିନର ବିହ୍ୱଳତା ଦେଖି ।
ବୁଝିଥିଲି—;
କେତେପରି ମମତା ତମରି ।

ମାଟିଆ କାଖେଇ ଯାଇଥିଲି ପାଣିପାଇଁ ।
ଦେହେଁ ଗୁଲି ଗୁଲିକା ଗଲେ ସେଇ ଉଆଁ ପରବତର ଝରଣା ତଳ ଯାଏ ।
କ'ଣ ଖିଆଲ ଗଲା କେଜାଣି !
"—ଗେଲେ ଗେଲେ ପଚାରିଲି ।"
ଆଚ୍ଛା. କହିଲ ଭଲା—;
ଝରଣା ପାଣି କୋଉଠି ଯାଇ ପଡୁଛି ?
ଲୋକେ ତମକୁ କହିଥାନ୍ତି ।
ତମେ କୁଆଡ଼େ ଭାରି ବଡ ପାଠୁଆ ।
ପାଠୁଆଙ୍କୁ ସବୁ କଥା ନିଶ୍ଚୟ ମାଲୁମ ଥିବ ।
ମୁଁ ମଧ୍ୟ ସେଇ ବିଶ୍ୱାସରେ ନିଶ୍ଚିନ୍ତ ଥିଲି ।
କିନ୍ତୁ ନିବାରଣ ପାଇଁ ।
କୌତୁହଳି ହୋଇ ବସେଇଲି କଡରେ ।
କଡ ପଞ୍ଜିଆରେ ।
ଆଗରୁ ଯେମିତ କିଏ ଆମ ପାଇଁ ପାତ ରଖିଥିଲା ସବୁଜଘାସ ବିଛଣା ।
କାଖରୁ ଖସେଇ ଘାସ ଉପରେ ରଖିଲି ଖାଲି ମାଠିଆଟା ।
ଦେହରେ କାହିଁକି ମାଡ଼ି ମାଡ଼ି ପଡୁଥିଲା ଅଲସ ।
ଠିକେ ଦେହ ପିଙ୍ଗାକୁ ଥିବାବେଳେ ।
ତମେବି ପିଙ୍ଗାଳି ହେଇ ପଡ଼ିଲ ମୋ ଦେହକୁ ଲାଗି ।
ଯଥେଷ୍ଟ ଗୁରୁତ୍ୱ ଦେଇ ।
ସମଝେଇବାକୁ ଲାଗିଲ ମନଙ୍କ ପ୍ରମାଣରେ ।
ଝରଣା—;
ଝରଣା ମିଶିଛି ନଦୀ ସହିତରେ ।
ଆଉ ନଦୀ—;

[ ଅପେରଣ ] ପ୍ରିୟବ୍ରତମାର ରଥି

ନଦୀର ରୂପ ମିଳେଇ ଯାଉଛି ସାଗର ଗର୍ଭରେ ।
ତମର ଏ ଧରଣର ମୋହାମୋହି କଥାରେ—;
ମୁଁ କିନ୍ତୁ କିଛି ବୁଝି ପାରିଲି ନାହିଁ ।
ଅବୁଝା ଭାବ ଦେଖେଇ ।
ଊର୍ମିଙ୍କ ଭଳି ହେଉଥିବା ବେଳେ ।
ତହୁଁ —
ଗୋଟି ଗୋଟି କରି ନଜର ଦେଇ ବୁଝେଇବାକୁ ଲାଗିଲ ।
ନୀହାର କୁନ୍ତଳାର ନିଭୃତରେ ।
ଥାଏ ଥିର ପ୍ରସ୍ରବଣ ।
ସହସା ଉଚ୍ଛୁଳି ପଡ଼େ ବହୁଜଳ ସୃଷ୍ଟିରେ ।
କ୍ରମେ କାଞ୍ଚନ ଜଙ୍ଘା କନ୍ଦରରୁ ।
ନିସୃତ ହୁଏ ଝରଣା ।
ତା ପରେ ସେହି ଅଧୀର ଅଗୀର ଝରଣା ବାରି ।
ଅଙ୍ଗ ପ୍ରସାରି ଦେଇଥାଏ—;
ବିସ୍ତୃତ ରୂପିଣୀ ଇଚ୍ଛାମତୀ ନଦୀପରି ।
କେବଳ ଇଚ୍ଛାମତୀ କାହିଁକି !
ଗଙ୍ଗା, ଯମୁନା, ସରସ୍ୱତୀ ଆଦି କରି ପ୍ରାୟ ସମସ୍ତେ ।
ତାଙ୍କର ସେହିସବୁ ମେଖଳା ମୁକ୍ତ ପ୍ରହରଟିରେ ।
ବିଭଳ ଅଲିଙ୍ଗନା ଜାହ୍ନବୀର ।
ଶୈବାଳ ପରିପୂର୍ଣ୍ଣ ଜୁହାର ମଝିରେ ।
ମରାଳୀ ପଛେ ପଛେ ।
ସନ୍ତରଣ କେଳି କରିଥାନ୍ତି ମରାଳ ।
ଇଏ ପୁଣି କି ଧରଣର ଭାଷା !
ଏ ଭାଷା ଆହୁରି ଅବୋଧ ହେଉଥାଏ ମୋତେ ।

ପୁଣି ସାଧାରଣ ଭାଷାରେ ଅର୍ଥ ସମଝେଇବାକୁ ଆରମ୍ଭ କଲି ।
ଯୋଉ ଯମୁନା ଜଳର ମେଖଳାମୁକ୍ତ ପ୍ରହରଣରେ ।
କୃଷ୍ଣ ବସ୍ତ୍ର ହରଣ କରି ନେଇଥିଲେ ଗୋପୀବାଳୀ ମାନଙ୍କର ।
ରୁପେଲି ରଙ୍ଗର ଉତ୍ତାଳ ତରଙ୍ଗମାନ ।
ଲହଡ଼ା ଭାଙ୍ଗୁଥିଲେ ଢକୁଳ ମଜେଇ ।
ତା ପରେ ପଡି ଆସିଥିଲା ଭଟ୍ଟା ।
ପାଣି ଖସି ଯାଇଥିଲା ବହୁତ ତଳକୁ ।
ଜଳସ୍ତୂପ ଆଢୁଆଳରେ ସିନା ଏତେକ୍ଷଣ ଲୁଚେଇ ରଖିଥିଲେ ନିଜ
ନିଜ ସତୀ ସମ୍ଭାରକୁ ।
ଜଳ ଉଠେଇ ଯିବାରୁ ।
ନିରୁପାୟ ଦେଖି ।
ସଲଜ ମିନତିରେ ।
ଅଳି କରିଥିଲେ ନିଜ ନିଜ ବସନ ।
ନିସ୍ତେଜ ହୋଇ ଶୁଖୁଥିଲା ବେଳେ ।
ହାଉଲେ ହଲେଇ କହି ଯାଉଥାଅ ଖାଲି ।
ବୁଝିଲ ନା—;
ଯେ ପାଣି ସବୁ ଅନ୍ୟ କୋଉଠାକୁ ଯାଆନ୍ତି ନାହିଁମ !
ସବୁ ଯାଇ ପତିତ ହୁଅନ୍ତି ।
ସେଇ ତ୍ରୀବେଣୀ ମୁହାଣ ବାଟ ଦେଇ ଅତଳ ସାଗର ଗର୍ଭରେ ।
ପ୍ରବାଦ ଅଛି—;
ସେଇଥି ପାଇଁ ତ୍ରୀବେଣୀ କୁଆଡ଼େ ଗୋଟାଏ ମହା ତୀର୍ଥ ସ୍ଥାନ ।
ସେଇ ତ୍ରିବେଣୀ ମୁହାଣରେ ।
ଯିଏ କେବେ ହେଲେ ବୁଡ ନ ପକେଇ ପାରିଛି ।
ସମସ୍ତେ କହନ୍ତି—,

[ ତରଣ ]

ସ୍ୱାର୍ଥ ତା ଜୀବନ ।
କେବେହେଲେ ସେ ଲଭି ପାରେନା ମୋକ୍ଷ ଗତିକୁ ।
ପୁଣି କହିଲ—,
ସେ ଯାହା ହେଉନା କାହିଁକି ।
କିନ୍ତୁ, ଏଇ ଅଗାଧ ଜଳ ଭଣ୍ଡାରର ଆଦି କିଏ ଜାଣୁ ?
କହିଲି—,
ମୁଁ ତାର ଆଦି ଅନ୍ତ କଥା ବଖାଣୀ ପାରିବି ନାହିଁ ।
—ସାଗର ଗର୍ଭର ଜଳରାଶି ।
ମଉସୁମୀ ପରଶ ପାଇ ।
ଆଶ୍ରୟ ନେଇଥାଏ ମେଘ ଲୋକରେ ।
ପାହାଡ଼ିଆ ଅଞ୍ଚଳର ମୟୂରୀ ।
ପୁଚ୍ଛ ଟେକି ନୃତ୍ୟ କରୁଥିବା ବେଳେ ।
ବିମୁଗ୍ଧ ମେଘ ଲୋକରୁ ଝରେ ବାରି ।
ସେଇ ବାରି ବିନ୍ଦୁ ସିଞ୍ଚନରେ ।
ଧରଣୀ ହୋଇଥାଏ ଫଳ ପ୍ରସୁତା ।
ଫଳରୁ ସୃଷ୍ଟି ହୋଇଥାଏ ଜୀବ ଜଗତ ।
ଜୀବ ଜଗତର ଆଦି ହେଉଛନ୍ତି ପ୍ରକୃତି ଆଉ ପୁରୁଷ ।
ସେତେବେଳକରେ ଜାଣ ସମସ୍ତ ବୁଝିପାରି ।
ଉଠି ବସିଲି ମୁଁ ।
ତମେ ମଧ୍ୟ ଉଠି ବସିଥିଲ ତମ ବୁଝେଇବା କଥା ଶେଷ କରି ।
ବେଗି ହୋଇ କଳସୀରେ ଭରିଲି ଜଳ ।
କଟିରେ ସଜାଡ଼ି ଚଞ୍ଚଳ ହେଉଥିବା ବେଳେ ।
ତେଣେ ଉଚ୍ଛୁର ଦେଖି ।
ଖୋଜିବାକୁ ଆସିଥିଲେ ବାପା ।

ନିଜକୁ ବଞ୍ଚେଇ ରଖିବା ପାଇଁ ।
ବାଘ ହୋଇ କରିଥିଲି ଏକ ଛଳନା ।
ତାଙ୍କୁ ଦେଖି ବାଟ ଚାଲିଲି ଛୋଟେଇ ଛୋଟେଇକା ।
ସେ ଯେତେବେଳେ ପଚାରିଲେ ।
—କଥା କ'ଣ ମା !
କାନ୍ଦ କାନ୍ଦ ହୋଇ କହିଲି ।
ଖାଲରେ ପଡ଼ି ମୋଡ଼ି ହୋଇଗଲା ବଳା ଗଣ୍ଠିଟା ମୋର ।
ବିକଳ ସହି ପାରିଲେ ନାହିଁ ବାପା ।
ଧରି ଧରିକା କୌଣସିମତେ ନେଲେ ଘରକୁ ।
ବୋଲି ଦେଲେ ଅଣି ବିଶଲ୍ୟକରଣୀ ବଣରୁ ମେଞ୍ଚିଏ ।
ବାପାଙ୍କର ନିଷେଧ ହେଲା ।
ଆଉ ମୁଁ ଯିବ ନାହିଁ ଜଳ ଆଣିବା ନିମନ୍ତେ ।
ଏହି ଆକଟରେ ଅଟକି ଗଲି ମାତ୍ର ଚାରିଟା ଦିନ ।
ଇତି ମଧ୍ୟରେ ତମେ…
ରାଜ କୁମାର !
କହି ହୁଏନା ପଛ କଥା ସବୁ ।
ତଥାପି ନ କହି ରହି ପାରୁନାହିଁ ସେ ଦିନର କଥାଟା ।
ଯାଇଥିଲି ତମ ବଙ୍ଗଳା ହତା ଭିତର ଯାଏ ।
ଶୁନ ଶାନ ବଙ୍ଗଳାଟା ।
ଖାଲି ଖାଁ ଖାଁ ହୋଉଥାଏ ।
ବହୁକ୍ଷଣ ପରେ ।
ଦେଖି ପାରିଥିଲିନା କଣି !
ବଗିଚା ମାଳିଟି କାହିଁକି ଟିକେ ଆସିଥିଲା ମୋର ଆଡ଼କୁ ।
ମୋର କନକନିଆ ଭାବ ଦେଖି ।

[ ବଡଶ ]

ପ୍ରିୟକୁମାର ରଠି

କହିଲି—;
ଓଃ…! ତମେ !
ପାଟିରୁ କଥା ବାହାର ନଥିଲା ମୋର ।
କ'ଣ ବା ପଚାରନ୍ତି ।
ସେ ଅବଶ୍ୟ ଏ କାଳର ଜାଣିବା ଶୁଣିବା ମଣିଷ ।
ଏ କାଳର ମଣିଷଙ୍କୁ କୋଉ କଥା ବା ଅଜଣା ଅଛପା ଯେ !
ମୋ ଅନ୍ତଃସ୍ଥ ଦେଖି ବୁଝି ପାରିଥିଲା ବୋଧହୁଏ ।
କହିଲା—;
"ସେତ ଏବେ ଚାଲି ଗଲେଣି !"
ତା ମୁହଁରୁ ଏଇତକ କଥା ଶୁଣିବା ମାତ୍ରକେ ।
ଘଞ୍ଚ ବଣ ଜହାଡ଼ରେ ଖଣ୍ଡିଆ ଭୂତ ଚକା ଭଉଁରୀ ଖାଇଲାପରି ।
ଘାଉଁରୀ ଖାଇ ଯାଇଥିଲା କେଉଁଆଡ଼ୁ ଜହାଡ଼ର ମୁଣ୍ଡଟା ମୋର ।
ଟଳି ପଡ଼ିଥିଲା ଥରି ପାଦ ଦିଟାକ ।
ଦାଇବ ରେଳ ଟଣିଲା ପରି ।
କେଉଁଣସିମତେ ତମ ବଙ୍ଗଳା ଫାଟକ ପାଖକୁ ଆଉଜି ।
ସେତେବେଳେ ଜାଣି ସମ୍ଭାଳେଇ ନେଇଥିଲି ନିଜକୁ ।
ଗୁରମେଘ ଏକାଠି ହେଲାଭଳି ।
ଚଉଦିଗ ଦିଶିଥିଲା ଅନ୍ଧାର ।
ଯେତେ ଯେମିତି ମନ ଆକାଶରେ ଘୋଟି ଯାଇଥିଲା ଘନ ମେଘ ।
ଆଉ ଶ୍ରାବଣ ପରି ଅନର୍ଗଳ ବୋହିବାକୁ ଲାଗିଲା—;
ଦୁଇ ନୟନରୁ ଦୁଇଧାର ଅଶ୍ରୁ ।
ଲୋକେ କହନ୍ତି ବରଷା ପାଣିରେ ।
ନାଆ ତେଜ ଖେଳଥାଏ ବସୁଧା ବକ୍ଷରେ ।
ଠିକ୍ ସେହିପରି ।

ଅଶ୍ରୁ ଧାରର ବନ୍ୟା ।
ଛୁଟି ଚାଲିଥାନ୍ତି ମଧ୍ୟ ମୋର ତତଲା ବୁକୁରେ ।
ବହୁତ କ୍ଷଣ ଧରି କାନ୍ଦି ସାରିଲା ପରେ ।
ମନେ ହେଲା ସତେ ଯେମିତି ଲୋତକ ଜଳରେ ସମସ୍ତ କଷ୍ଟ ଧୋଇ
ହୋଇ ଗଲଣି ।
ହଁ...
ଅବଶ୍ୟ ଧୋଇ ହୋଇଗଲା ଦାରୁଣ ଦୁଃଖ ଆଉ ବେଦନା ସବୁ ।
କିନ୍ତୁ...
ଏ ସାରା ଜୀବନର କଳଙ୍କ ଟିକକ ।
କାହିଁ...!
ଧୋଇ ହୋଇ ପାରିଲା ନାହିଁ ତ !
ରାଜ କୁମାର !
...ତମେ ପୁରୁଷ ।
ଯେଉଁ ପରକି; ପୁରୁଣା ବାସନକୁ କୁନ୍ଦରେ ବସେଇ ।
ଚକଚକିଆ କରି ନୂଆ ବେଭାରରେ ଚଳେଇ ନେଇଥାନ୍ତି ।
ଠିକ୍ ସେହିଭଳି ନୁହେଁ କି ?
ତମ ଭଳିଆ ପୁରୁଣା ପ୍ରୀତ ପ୍ରେମର ପୁରୁଷ ।
ପ୍ରେମି ହୋଇ ନୂଆ ବେଭାରରେ ନ ଚଳିବ ଅବା କାହିଁକି !
କିନ୍ତୁ...
...ମୁଁ ଯେ ନାରୀ !
ଅଠାର ଘରର କଂସା ପିତଳ ପରି ତ ନୁହେଁ !
କୁମ୍ଭାର ଘରର ଉହା ପୋଡ଼ା ମାଟି ହାଣ୍ଡି ମାନ ।
ଜାଣ ତ ?
ମାଟି ହାଣ୍ଡିରେ ଥରେ କଳା ଲାଗିଲେ ମାରୁ ହୋଇଥାଏ !

[ ଚଉତରଣ ]  ପ୍ରିୟତମାର ଚିଠି

ରାଜ କୁମାର !
ଏତେ ଦିନ ଧରି—;
—ତମରି ଆଶା ଫୁଲ୍ ଦୋଳଣାରେ ଦୋଳି ଖେଳୁଥିଲି ସିନା !
ହଠାତରେ—;
ଦୋଳ ଦଉଡ଼ି ଗୁଡ଼ିକର ଫାଶ ଫିଟେଇ ଦେଇଗଲି ଆପଣା ହାତେ
ହାତେ ।
ଏଇକ୍ଷୁଣୁକା—;
ମହୀତଳେ ଗଡ଼ି; ସଢୁଥିବା ଖିନ ଦେହଟା ।
ଲେଖୁଛି—;
ବିରହ ଅନ୍ତରର କରୁଣ କାହାଣୀଭରା ଏ ଚିଠି ଖଣ୍ଡିକ ।
ଯଦିଚ—;
—ଏ ଚିଠି ଖଣ୍ଡିକ ପାଇ ।
ନିତାନ୍ତ ଆତ୍ମ—ବିସ୍ମୃତ ଉପୁଜେ ।
ପାଖରେ ନରଖି ଫିଙ୍ଗି ଦେବ ଅଳିଆ ଗଦାକୁ ।
ଆଉ ଯଦିଚ—;
ମଳୟ ବାଜି ନିମ୍ବ ଚନ୍ଦନ ପାଲଟିଲା ଭଳି ।
ପୁନର୍ମମତା ଛୁଆଁ ଚନ୍ଦନ ସଦୃଶ ।
ତମ ତକ୍ତ ମନଭାବ ଯଦି ମଧୁର ପାଲଟି ଯାଏ ।
ତା ହେଲେ…
…ନ ହେଲେ ମଧ୍ୟ ବିଶେଷ କିଛି ଅନୁଶୋଚନାର କାରଣ ରହିବ
ନାହିଁ ଯେ ।
ତହିଁର ହେତୁ ବୃତ୍ତାନ୍ତ ଭାବି ପାରୁଛ କି ରାଜକୁମାର !
—ଯଥେଷ୍ଟ ପରିମାଣରେ ସେ ଧୈର୍ଯ୍ୟ ଟିକକ ଅଛି ଏ ନାରୀ ଜାତିର ।
ସେତେ ଭଳି ଠାଣି କରି କହୁ ନାହିଁମ !

ଅଲପେଟକେ ଦମ୍ଭ ଧରି ପାରିଲେ ।

କିନ୍ତୁ—;
—ପାଷାଣୀ ପରି ଦେହ ଧରି ରହି ପାରିବ ଯେ !

ତମେ ତ ଦେଖି ଯାଇଛ !

ଆକାଶ ଛୁଆଁ ଯୁ କୁସିଆଲି ।

ଟଡ଼ପଟ୍ଟ କାରୁକା ପଥର କାନ୍ଥ ମାନଙ୍କରେ ଅନୁପମା ପ୍ରତିମା ଭରି ।

ନାହିଁ ନଥିବା ଆମ ଗାଁର ଅସୁମାରି ସେହି ଦେଉଳମାନ ।
ଅଭିଶପ୍ତ ଜୀବନର କଷଣ ଭୋଗୁଥିଲା ଭଳି ।

ରମ୍ଭା ମେନକାଙ୍କ ଠାରୁ ବଳି ଅପ୍ସରି ଶତ ଗୁଣରେ ।

କେତେ ସୁଷମା ଭରି କାଦା ଦେହ ସବୁ ।
ଏହିପରି—;
—ଯୁଗ ଯୁଗ ଧରି ଭୋଗତମାନ କରି ଆସୁଛନ୍ତି ଅସହଣୀୟ ପାଷାଣୀ କଷଣ ।

ମୋର ତ ପୁଣି ସେହି ଭୁବନେଶ୍ୱର ଅଉ ଗଉସିଙ୍କ ଘର ପାଖେ ଜନମ !

ନ ପଚାରିବ ଅବା କାହିଁକି !

ଆଉ ଯଦି—;

ଏ ଦେହଟା ମିଶି ଯିବ ମାଟିରେ ।
ଝିବାକ ଲୀନ ହୋଇ ଯିବ ନାହିଁ କିନ୍ତୁ ।

ଜନକ ରାଜା ଜାନକୀଙ୍କୁ ପାଇଲା ଭଳି ।

ଏ ଦେଶର ମାଟିର ମଣିଷ ।

ଲଙ୍ଗଳ ମୁନରେ ମାଟି ଖୋଳୁଥିଲା ବେଳେ ।

ପାଉଛନ୍ତି—;
ମଧ୍ୟ ପାଇଲେ ପାଇ ପାରନ୍ତି ।

ସେହି ଧରଣର କେତେ ଧରଣୀ ସୁତାପରି ଅକ୍ଷତ ଶରୀରୀ ତନୟା ମାନଙ୍କୁ ।

[ ଛତଶ ]                                                   ପ୍ରିୟବ୍ରତମାର ଶଟି

ରାଜକୁମାର !
ଆଉ ଅଧିକ କ'ଣ ବା ଲେଖିବ !
ତମେ ଯେବେ ପାଖରେ ଥାଆନ୍ତ ।
ଫିଟେଇ କହି ଥାନ୍ତି ମନ କଥାତକ ସବୁ ।
ନ କହିବା ପୂର୍ବରୁ ନିଷ୍ଠୁରପରି—;
ତଫାତ୍ ହୋଇଗଲ ତଲ୍ଲା ବାଲିରେ ଥୋଇ ।
ଆଉ ପୁଣି କିଏ ସେ ଗୋଟାଏ ଦୁଃଖ ହରିବ !
କହିବ ଅବା କାହାକୁ ?

ଇତି ।
ତମର—ପ୍ରିୟତମା ।

ପୁଃ:—
କ୍ଷମା କରିବ ରାଜ କୁମାର !
ମୁହାଁମୁହିଁ ବେଳେ କହିବାକୁ ଆଦୌ ତୁଣ୍ଡ ନଉଠି ନଥାନ୍ତା ମୋର ।
ଅନ୍ତୁଆଳରେ ଥାଇ—;
—ଲେଖୁ ଲେଖୁ ନିଷ୍ଠୁର ଲେଖି ପକାଇଲି ବୋଲି ।
ମୋ ରାଣଟି—;
—ରାଗ ରୋଷରେ ଦୋଷ ଧରିବ ନାହିଁ ।
ଆଉ ଗୋଟିଏ କଥା ।
ବିବାକ ଭୁଲି ଯାଇଥିଲି କିନ୍ତୁ ।
ମନେ ପଡ଼ି ଯିବାରୁ ପୁନଶ୍ଚ ଲେଖିଲି ତମର ଅବଗତି ନିମନ୍ତେ ।
ମୋ ଜୀବନରେ—;
ମୁଁ, ତମଠୁଁ କିଛି ପାଇ ନାହିଁ ବୋଲି ।
ସାରି ସାରି କଥାରେ ମୂଳରୁ ଯେଉଁ ସବୁ ଅସ୍ୱୀକାରମାନ କରି ଆସିଛୁ ।
ଜାଣିବ; ତାହା ସବୁ ମିଛ ।
ଜ୍ଞାନ ଥାଉ ଥାଉ ନିନ୍ଦିବ ଅବା କାହିଁକି !
—ଯାଉଛି ।

ସେଇ···ତମ ଦିଆ ପ୍ରଥମ ଉପହାର ଟିକକ ।
ଯାହାକୁ କହନ୍ତି—;
—ପ୍ରେମିକ ପୁରୁଷର ଦିଆ ପହିଲି ପ୍ରୀତି ଉପହାର ।
ତମ ନିକଟରେ ସେଇ ଉପହାର ଟିକକ ତୁଚ୍ଛ ହେଲେ ହୋଇପାରେ
କିନ୍ତୁ ମୋ ନିକଟରେ ତାହା ଅମୂଲ୍ୟ ।
ସେ ତ ପହିଲି ବେଳର ଦିଆ ନିଆ କଥା ।
କ'ଣ ଯେ ଦେଇଥିଲି ବୋଧହୁଏ ତମର ମନେ ନ ଥିବ ।
ମୋ ମନରୁ ପାଶୋରି ଯାଇ ନାହିଁ କିନ୍ତୁ !
କହିବି—;
—ସେଇ···ସେଇ ମଧୁମୟ ଚୁମ୍ବନ ପରି !
ହଜେଇ ନାହିଁ କିନ୍ତୁ !
ସାଇତି ରଖିଛି ଅତି ଯତନରେ !
ଯେବେ—;
ଏ ଜୀବନ ପରି ଆଉ କେବେ ଦେଖା ହୁଏ ।
ରଖିବି ଅବା କାହିଁକି !
ଅବଶ୍ୟ—;
ତମ ପଦାର୍ଥ ତମକୁ ଫେରେଇ ଦେବି ଯେ !
ହଉ···
ଏକ୍ଷଣି ପ୍ରଦୀପରୁ ସରି ଆସିଲାଣି ତେଲ ।
ଲିଭି ଲିଭି ଆସିଲାଣି ନୁଖୁରା ସଳିତା ।
ଆଉ···ରାତି ବି ହେଲାଣି ଅନେକ ।
ଆଜି ଏତିକିରେ ରହିଲି କିନ୍ତୁ ।
—ମୋର ପ୍ରଣତି ନେବ ।
ଇତି ।
ତମର—ପ୍ରିୟତମା ।

ବଗିଚୁ ମାଳି ଶୁକ ।
କାହିଁକି କେଜାଣି !
ହଠାତ୍ ରାଜକୁମାର ବାବୁଙ୍କ ଅଦବାସଭବନକୁ ଯାଉଥିବାର ଶୁଣି ।
ପ୍ରିୟତମା—;
ଶୁକ ମାରଫତ୍ ପଠାଇଥିଲା ଏହି ଚିଠି ଖଣ୍ଡିକ ।
ତେଣୁ ଅସିଥିବା ଫରମାସ ମୁତାବକ ।
ବହୁ କିସମର ଫୁଲ ସଂଗ୍ରହ କରି ।
ତହିଁଆର ଅଣଉଦଅ ବେଳୁ ସଅଳ ହୋଇ ବାହାରି ପଡିଥିଲା ଶୁକ ।
ରାଜ କୁମାର ବାବୁଙ୍କ ପିତା ଶିଶିର ବାବୁ ହେଉଛନ୍ତି—;
ଓଡିଶା ହାଇକୋର୍ଟର ଭୂତପୂର୍ବ ଚିଫ୍ ଜଷ୍ଟିସ୍ ଶିଶିର ବାବୁ ।
କାଠଯୋଡି କୂଳ ପାଖକୁ ଲାଗି ।
ତାଙ୍କ ଅଦବାସଭବନର ବାହାର ଘରେ ବସି ।
ସଜାଡୁଥିଲେ···କାଲି ବାଦେ ପଅରି ଦିନ—;
—ନିମିତ୍ୟ ପର୍ବର ଫର୍ଦ୍ଦଟା ।
ସେଇ ସକାଳ ପ୍ରହରୁ—;
ସାରା 'କାଟଲଗ୍'ମାନ ଘାଣ୍ଟି ଘାଣ୍ଟି ।
ଶେଷକୁ ଯେଉଁ ଗୋଟିକ ପସନ୍ଦ ହୋଇଥିଲା ।!
ଖୋସାରେ ଖୋସା ହୋଇଥିବା ରୁପା କଣ୍ଠାରୁ ଗୋଟିଏ ବାହାର କରି

ଠିକ୍ ସେହି ପୃଷ୍ଠାଟିରେ ଚିହ୍ନ ଦେଇ ।
ଉପରି ମହଲାରୁ ଓହ୍ଲାଇ ଆସି ।
ବାହାର ଘର ଭିତରକୁ ଚଞ୍ଚଳ ହୋଇ ପଶି ଆସିଥିଲେ ଅଲକା ଦେବୀ ।
ଚିହ୍ନ ଦିଆ ପୃଷ୍ଠାଟିକୁ ନେଇଦେଇ କହିଲେ—;
"ହଇ ଗୋ...ଦେଖିଲଣିନା !"
ଡାହାଣ ହାତର ବଣି ଅଙ୍ଗୁଠି ଟିପ ମାଡ଼ି ଅଧିକ ସ୍ପଷ୍ଟ ଭାବେ ଚିହ୍ନଟ କରେଇ ଦେଉଥାନ୍ତି ।
ଶ୍ରେଷ୍ଠ ଅଲଙ୍କାର ନିର୍ମାତା କଟକ ଆର୍ଟ ହାଉସ୍ ର ପ୍ରଜାପତି ପୁଷ୍ପ 'ନେକଲେସ୍'ଟିକୁ ।
ଏଇଟିକୁ ବାଦ ଦେଲେ ଆଉ କୋଉ ହାର ବି ମୁଁ ମୋ ବୋହୂ ବେଳକୁ ମାନିବି ନାହିଁ ।
ଶିଶିର୍ ବାବୁ; ସ୍ତ୍ରୀ ଅଲକା ଦେବୀଙ୍କର ପସନ୍ଦରେ ।
ନିଜର ପ୍ରସନ୍ନ ପସନ୍ଦର ମତ ଜଣେଇଲା ଉତ୍ତାରୁ ।
ସ୍ୱାମୀ ସ୍ତ୍ରୀ ଦୁହେଁ ହସ ଖୁସି ହେଉଥିବା ବେଳେ ।
ଏଣୁ ଭୀଷଣ ଭିଜେଇଁ ସଁ ହୋଇ ଯାଇ ପହଞ୍ଚିଲା ଶୁକ ।
ଶୁକ; ମୁଣ୍ଡରୁ ଫୁଲ ବେଢାଟିକୁ ଓହ୍ଲାଇ ।
ତୁରନ୍ତ ଠେକା ଝସେଇ ।
ଆଭୂମି ପ୍ରଣତ ହେଲା ପ୍ରଭୁ ଆଉ ପ୍ରଭୁ ପତ୍ନୀଙ୍କୁ ।
ଶିଶିର ବାବୁ ଆଉ ଅଲକା ଦେବୀ ।
ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ମଧ୍ୟରୁ ।
ଶୁକକୁ କଲ୍ୟାଣ କରିବାକୁ ଲାଗିଲେ ଅଲକା ଦେବୀ ।
ଆଉ ଶିଶିର ବାବୁ ଶୁକକୁ ଅର୍ପଣ କରିବାକୁ ଲାଗିଲେ ଅଶେଷ ଧନ୍ୟବାଦମାନ ।

[ ଶୃଙ୍ଖଳା ]　　　　ତ୍ରିପୁରାଜମାର ଚଟି

ପ୍ରଭୁ ଆଉ ପ୍ରଭୁ ପତ୍ନୀଙ୍କ କଟ୍ଟୁଠା ତଫଉତରେ ଠିଆ ହୋଇ କୃତ କୃଥ ହେଉଥାଏ ଶୁକ ।
ଶୁକର ଆଣିଥିବା ଫୁଲ ଗୁଡ଼ିକୁ ଭାର କାଟ୍ଟି ତାରଫ୍ କରୁଥିବା ସମୟରେ ।
ଶୁକକୁ ନିର୍ଦ୍ଦେଶ କର କହିଲେ ଶିଶିର ବାବୁ ।
ନିମିତ୍ୟ ଶେଷ ନ ହେବାଯାଏ ।
ବୋଲହାକ ଆଦ କର କେତେକ ହାଲୁକା କାମର ଦାୟିତ୍ୱରେ ନମୋଦ ରହିବ ଶୁକ ।
ପ୍ରଭୁଙ୍କ ହୁକୁମ ପ୍ରମାଣେକୁ ।
ଅବିକଳ କଳରେ ତିଆର କୁଣ୍ଢେଇ ପର ।
ମୁଣ୍ଡ ଟୁଙ୍ଗାର ସନମତ ଜଣାଉଥାଏ ଶୁକ ।
ଫୁଲ ବେଢାରେ ଥିବା ମଞ୍ଜୁ କଦଳୀ ପତ୍ରରେ ମୋଡ଼ା ।
ମହକ ଭରା ସଜ କନକ ଚମ୍ପା ପୁଡ଼ିଆଟିକୁ ହାତରେ ଧରି ।
ଖୁସିଆଲି ମନରେ ଉପର ମହଲକୁ ଚାଲିଗଲେ ଅଲକା ଦେବୀ
ଏହି ଅବସରରେ ଶିଶିର ବାବୁ ।
ପୂର୍ବ ପର ଫର୍ଦ୍ଦ ପ୍ରସ୍ତୁତରେ ଏକନିଷ୍ଠ ହେବାକୁ ଲାଗିଲେ ।
ଶୁଖିଲା କାଠର ଖୁଣ୍ଟଟାଏ ପୋତା ହେଲା ଭଳି ।
ଶୁକ କିନ୍ତୁ ସେହି ଠା'ଟିରେ ଠିଆ ହୋଇ ରହିଲା ଏକା ଝଞ୍ଜକେ ।
ସଦା ପର ମୁଖା ପେକ୍ଷି ଦାସତ୍ୱ ମନ ବୃତ୍ତିଟା ।
ଜଳ ଜଳ ଆଖିରେ ଚାହିଁ ରହିଥିଲା ପ୍ରଭୁଙ୍କ ମୁଖକୁ ।
ପ୍ରଭୁ କିନ୍ତୁ ଭୁଲରେବି ସୁଧା ପଚାରି ଗଲେ ନାହିଁ ଶୁକର ପେଟ ଓଣା କଥା ।
ସେଇ ତେଲଙ୍ଗା ପେଣ୍ଠ ଛକରେ ।
ଖାଇଥିଲା ମାତ୍ର ଛଅ ପଇସାର ଗୁଲୁଗୁଲା ।

ଯୂତମାର ଛଠି [ ଏକଚାଳିଶ ]

ଏତେ ବେଳ ଯାଏ ।
ଏତେକ ପଥଶ୍ରମ କରି ସାରିଲା ଉତ୍ତାରୁ ।
ସେ ସବୁ କ'ଣ ଆଉ ଥାଆନ୍ତି ପେଟରେ ।
ଭୋକରେ ଆଉଣ୍ଡି ପକାଉଥାଏ ପେଟ ଭିତରଟା ।
'ହା ଅନ୍ନ' ମୂଲକ ମୂଲିଆର ଆଖି ଆଗରେ ସୁଧା ଆଉ ଅମୃତ
ଲଡୁ ପରଶା ହେଲା ଭଳି ।
ଶିଶିର ବାବୁଙ୍କ ଘରର ଚାକର କାଉଣିଆ ।
ଦୁଇ କପ୍ ଚାହା ।
ଦୁଇଟି ପ୍ଲେଟରେ ଦିଓଟି ଲେଖାଏଁ ଚାରୋଟି ତଟକାଛଣା ସିଙ୍ଗଡ଼ା ।
ସଜଡ଼ା ହୋଇଥିବା 'ଟ୍ରେ'ଟିକୁ ଆଣି ସଜେଇ ରଖିଲା ଶିଶିର ବାବୁଙ୍କ
ସାମନା ଟେବୁଲ ଉପରେ ।
ସେହି ମୁହୂର୍ତ୍ତରେ ପୁଣି ଆସି ମଧ୍ୟ ପହଞ୍ଚି ଗଲେ ଅଲକା ଦେବୀ ।
ବସି ପଡ଼ିଲେ ଶିଶିର ବାବୁଙ୍କର ବସିଥିବା ସାମନା 'କୋଚ୍‌ଟି'
ଉପରେ ।
ପରଶା ପରଶି ହୋଇ ଆହାର ପାନ ସୁରୁକଲେ ସ୍ୱାମୀ ସ୍ତ୍ରୀ ଦୁହେଁ ।
ଶୁକ କିନ୍ତୁ ପୂର୍ବ ପରି ଠିଆ ହୋଇ ରହିଥାଏ ଯଥା ସ୍ଥାନଟିରେ ।
ସ୍ୱାମୀ ସ୍ତ୍ରୀଙ୍କର ପଙ୍କ୍ତି ଭୋଜନ ଦେଖି ।
ଶୁକ ତଣ୍ଡି ପାଖେ; ଖାଲି ଖାଲି ଆବାଜ ଦେଇ ଉଠୁଥାନ୍ତି ଭୋକିଲା
ହାକୁଟିମାନ ।
ଆଖି ଫେରଉ ଫେରଉ ବାଧା ପଡ଼ିଗଲା ।
ବିସ୍ମୟ ପ୍ରକାଶ କଲେ ଅଲକା ଦେବୀ ।
ସେତିକି ବେଳୁ ଏଇଠିଟାରେ ଠିଆ ହୋଇଛୁ···ନା !
ଇମିତି ଭାବେ ଠିଆ ହୋଇ ଥିବାଟା ବୋଧ ହୁଏ ନିତାନ୍ତ ଅପରାଧ
ଅନୁମାନ କରି ।

[ ବଯ୍ଲାଳଶ ]

ପ୍ରିୟତମାର ଶଟି

ଇତସ୍ତତ ହୋଇ ଉଡୁଥାଏ ଶୁକ ।
ଅଲକା ଦେବୀ କୀର୍ତ୍ତିନାଅକୁ ଡାକି କହିଲେ—;
ଅରେ···ଏଇଠିଠାରେ ପଡ଼ି ଶୁଖି ଯାଉଛୁ ।
—ଏ ଫୁଲ୍ ବେତାଠାକୁ ନେଇ ଯା ଭିତର ଖଞ୍ଜାକୁ ।
ଅଲକା ଦେବୀଙ୍କର କହିବା ମୁତାବକ ।
ତହୁଁ ତତ୍‌ପର ହୋଇ ଉଠିଲା ଶୁକ ।
ଫୁଲ ବେତାଟିକୁ ଆପଣା ମୁଣ୍ଡରେ ଥୋଇ ଗଲା ଭବନଟିର ଭିତର ମହଲକୁ ।
ଯାହା ହେଉନା କାହିଁକି, ତା ପରେ କିନ୍ତୁ କୀର୍ତ୍ତିନାଅର ଚରଗୁ ବରଗୁରେ ଭୋକିଲା ପେଟକୁ ଶୀତଳ କରେଇ ପାରିଥିଲା ଶୁକ ।
ତହିଁ ଆରଦିନ ଯେତେବେଳେ ଦେଖା ହେଲା ରାଜକୁମାର ବାବୁଙ୍କ ସାଥିରେ ।
ଶୁକ, ତା ସାନବାବୁ ରାଜକୁମାର ବାବୁଙ୍କୁ ଔଲାକ ହେଉଥିବାବେଳେ ରାଜକୁମାର ବାବୁ ବହୁତ ବ୍ୟସ୍ତ ଥିବାଭଳି ହାତ ଇସାରକରି କହିଲେ ।
ହଉ, ହଉ···ତୋ ବକସିସ୍‌ଟା ମିଳିବ—ମିଳିବ ।
ଶୁକ କିନ୍ତୁ ସେତେବେଳ ଯାଏ ସାନ ବାବୁଙ୍କ ନିକଟରୁ କୌଣସି ପ୍ରକାରକା ବକ୍‌ସିସ୍ କଥା ଆଦୌ ମନରେ ସ୍ଥାନ ଦେଇ ନଥିଲା ।
ତଥାପି ସାନ ବାବୁଙ୍କ କଥାରେ କୋଟିନିଧି ପାଇଲା ଭଳି କହିଲା—;
—ତା ମୁଁ ଜାଣେ ସାନ ବାବୁ ।
ମୋ ବକ୍‌ସିସ୍ ଆପଣଙ୍କ କତିରେ ବରାବର ପାଇଁ ଥୁଆ ।
କିନ୍ତୁ···
ରାଜକୁମାର ବାବୁ ଶୁକର ମୁହଁ ଓ ପରିବର୍ତ୍ତନଶୀଳ ମୁଖ ମଣ୍ଡଳକୁ ଚାହିଁ କହିଲେ—;
—ଆଜ ପୁଣି କିନ୍ତୁ କ'ଣ ?

ପ୍ରିୟତମାର ଚିଠି

ନୀରବ ଚେତା ଶୁକ—;
କଳାବଜାରୀମାନେ ଅବକାଶ ଜନକ ସବୁ ଲୁଚେଇ ରଖିଲା ଭଳି ।
କୁଜିଁର କାନରେ ଗଣ୍ଠି ପଡ଼ି, ନାହିଁ ମୁଣ୍ଡାରେ ଖୋସା ହୋଇଥିବା
ଆଠ ଭାଙ୍ଗ କରା ଫର୍ଦ୍ଦିକିଆ କାଗଜର ଚିଠି ଖଣ୍ଡେଟା ବଢେଇ ଦେଲା
ସାନବାବୁଙ୍କ ହାତକୁ ।
ଉକ୍ତ ଚିଠି ଖଣ୍ଡେଟା ଉପରେ ।
ପାଇବା ଲୋକର ନିର୍ଦ୍ଦିଷ୍ଟ କୌଣସି ନାମ ନ ଥିବାରୁ ।
ରାଜକୁମାର ବାବୁ ପଚ୍ଚରି ବସିଲେ—କାହାର ଏ ଚିଠି ?
ନିଉନ ସ୍ୱରରେ ଶୁକ କହିଲା;—
—"ଆପଣଙ୍କର" ।
ରାଜକୁମାର ବାବୁ ବିସ୍ମିତ ଭାବାପନ୍ନ ହୋଇ କହିଲେ—;
—ମୋର !
କିଏ ଦେଇଛି ?
ଶୁକ; ପଠାଇଥିବା ଲୋକର ପରିଚୟଟା କହି ବସିବା ଆଗରୁ ।
ରାଜକୁମାର ବାବୁ ଚିଠି ଖଣ୍ଡିକ ଫିଟେଇ ନେଉଟ ପାଉଟ କରି ଦେଖୁ
ଥିବା ବେଳେ ।
—ବୁଝି ପାରି ଥିଲେ ନା କ'ଣ ।
ପୂର୍ବ ପରି ଭାଙ୍ଗ ସଜାଡ଼ି ।
ପକେଟ୍‌ରେ ରଖୁଥିଲା ବେଳେ କହିଲେ—;
ଅଚ୍ଛା, ଅଚ୍ଛା; ଠିକ୍ ଅଛି ।
—ତୁ ଏକ୍ଷଣି ଯା…।
ଏହା ପରଠାରୁ ଶୁକ ବ୍ୟସ୍ତ ରହିଗଲା ଆପଣା ନମୋଦ କାର୍ଯ୍ୟରେ ।
ତେଣେ ନିମନ୍ତ୍ରଣ ପତ୍ରମାନ ଯେନି ।
ଶିଶିର ବାବୁଙ୍କର ପରିଚ ସେଠାକାର କେତେକ ସ୍ଥାନୀୟ ଭଦ୍ର

ବ୍ୟକ୍ତିଙ୍କୁ ନିମନ୍ତ୍ରଣ ଜଣେଇବାକୁ ଯାଉଥିଲା ତନଖିଦାର ।
ସବୁଆଡ଼ୁ ସବୁକାମ ସାରି ତାଲିକା ମୁତାବକ ସମସ୍ତଙ୍କୁ ନିମନ୍ତ୍ରଣ ଦେଇ
ସାରିଲା ପରେ ।
ଫେରୁଥିବା ବାଟରେ ମନେ ପଡ଼ି ଯିବାରୁ ।
ବାବୁଙ୍କ କହିବା ଅନୁସାରେ ।
ଯାଇ ଡାକ ପକାଇଲା ମୁକୁନ୍ଦ ବାବୁଙ୍କ ଦାଣ୍ଡ ଦରଜା ପାଖେ ଠିଆ
ହୋଇ ।
ଘରେ ନଥିଲେ ମୁକୁନ୍ଦ ବାବୁ ।
ଡାକ ଶୁଣି ଆଇଲା ପ୍ରିୟତମା ।
ଦାଣ୍ଡ କବାଟକୁ ଦରଆଉଜା କରି ।
କବାଟରେ ଅଧେ ଦେହ ଆଉଜେଇ ।
ପଚାରିଲା—;
ଆପଣ କୋଉଁଠୁ ଆସିଛନ୍ତି ?
ତନଖିଦାର କହିଲା; ମୁଁ ଆସିଛି କଟକ ଶିଶିର ବାବୁଙ୍କ ଘରୁ ।
ପ୍ରିୟତମା କହିଲା—;
—ବାପା ତ ଏଇକ୍ଷଣୁ କା ନାହାନ୍ତି !
କ'ଣ କହିବାର ଅଛି ତ କହି ଯାଆନ୍ତୁ ।
ହଁ; କହୁଥିଲି କ'ଣକି—;
—ତାଙ୍କ ପାଇଁ ନିମନ୍ତ୍ରଣ ପତ୍ର ଦେଇ ନାହାନ୍ତି ଯଦିଓ ତଥାପି ମୁହେଁ
ମୁହେଁ କହି ଯିବାକୁ କହିଛନ୍ତି ଅବଶ୍ୟ ।
ମନେ କରି ବାପାଙ୍କୁ ନିମନ୍ତ୍ରଣ କଥାଟା କହିଦେବୁ—'ମା' !
କାଲିବାଦେ ପଅରଦିନ ତାଙ୍କ ପୁଅ ରାଜକୁମାର ବାବୁଙ୍କର ବିଭାଘର ।
ଏତିକି କହି ବସ୍ ଧରିବା କଥା ମନେ ପକେଇ ତର ତର ହୋଇ
ବସ୍ ଷ୍ଟାଣ୍ଡ ଆଡ଼କୁ ଏକମୁହାଁ ହେଲା ତନଖିଦାର ।

ତହଶିଦାର ମୁହଁରୁ ଏଇତକ ଖବର ଶୁଣି ।
ପ୍ରିୟତମା—;
କାଲି ବାଦେ ପଅରଦିନ ···ସ୍ୱ··· ବିଭାଘର !
କ୍ଷଣକ ମଧ୍ୟରେ ଚେତା ବୁଡିଗଲା ପ୍ରିୟତମାର ହତାଶ ପ୍ରାଣରୁ ।
ଜାବ ପଡ଼ିଗଲା ମୁଠାକରି ଧରିଥିବା କବାଟଟିରେ ।
ଯାଦୁଘର ମାନଙ୍କରେ ନିର୍ଜୀବ ଶରୀରମାନ ସଜା ହୋଇଥିଲା ଭଳି ।
ଡେର ଧରି ରହିଗଲା ସ୍ପନ୍ଦନ ହୀନ ଦେହଟା ।
କାଚ ଗୁଲି ଭଳି ଜଳ ଜଳ ଦିଶୁଥାଏ ଟମ ଟମ ଆଖି ଦି'ଟାକର
ନିଷ୍ଫଳ ଡୋଳା ଦି'ଟାକ ।
ବହୁ କ୍ଷଣ ପରେ ଘରକୁ ଫେରିଲେ ବାପା ।
ଦାଣ୍ଡ ଦୁଆର ମୁହଁରେ ପହଞ୍ଚିଲା ମାତ୍ରକେ ।
ଝିଅ ପ୍ରିୟତମାର ଏପରିକା ଦଶା ଦେଖି ଅତ୍ୟନ୍ତ ବିଚଳିତ ହୋଇ
ପଡିଲେ ।
ପରମୁହୂର୍ତ୍ତରେ ଆପଣା ସ୍ତ୍ରୀ କଥା ମନେ ପଡି ଯିବାରୁ ।
ସାନ୍ତ୍ୱନା ଦେବାକୁ ଲାଗିଲେ ଅଧୀର ମନଟାକୁ ।
ମା' ଗୁଣେ ଝିଅ । ଅନ୍ୟଥା ହେବ କେଉଁପରି !
ପ୍ରିୟତମା ବୋଉଙ୍କର ଥିଲା ମୂର୍ଚ୍ଛା ରୋଗ ।
ସେ ଯେଉଁଠି, ଯେତେବେଳେ, ଯେଉଁପରି ଅବସ୍ଥାରେ ମୂର୍ଚ୍ଛିତା
ହେଉଥିଲେ ।
ଠିକ୍ ସେହିଠି, ସେତେବେଳେ ସେହିପରି ଅବସ୍ଥାରେ ଜଡ ପ୍ରତିମା
ପରି ପଡି ରହୁଥିଲେ ଅସାଡ଼ ହୋଇ ।
ଏ ମଧ୍ୟ ଠିକ୍ ସେହି ପରିକା ।
ଅବଶ୍ୟ ବିଶେଷ କିଛି ଭୟର କାରଣ ନ ଥିଲା ।
ତହୁଁ ମୁକୁନ୍ଦ ବାବୁ ।

କବାଟ ଦେହରୁ ଟାବ ଛଡେଇ ।
ପ୍ରିୟତମାର ମୂର୍ଚ୍ଛିତା ଦେହଟିକୁ ଧୀରେ ଧୀରେ ଶୁଆଇଲେ ତଳେ ।
ଦଉଡ଼ି ଯାଇ ଘର ଭିତରୁ ଆଣିଲେ କଂସା ବଟୁଲିରେ ବଟୁଲିଏ ଥଣ୍ଡାପାଣି ।
ଛିଞ୍ଚିଲେ ପ୍ରିୟତମା ମୁହଁରେ ।
କୁଞ୍ଚି କାଟିରେ; ଜୋଡ଼ି ଖାଇ ଯାଇଥିବା ଦାନ୍ତ ଦ'ପାଟିକୁ ଫାଙ୍କ କରି ପିଆଇ ଦେଲେ ବଟୁଲି ପାଣିରୁ ଦି ଢୋକ ।
ବାଁଶୀରେ ବାଁଶି ବସିଥିବା ବେଳେ ।
କ୍ରମଶ ଚେତା ହେଇ ଆସୁଥାଏ ପ୍ରିୟତମାର ।
ସ୍ୱପ୍ନରେ ବାଳିବାଳଉଥିବା ଭଳି ।
ଝୁମି ବାଜି ଯାଉଥିବା ପାଟିରେ କହି ହେଉଥାଏ ପ୍ରିୟତମା ।
ବାପା ! ବାପା !
ତ...ମୁକୁ...ମୋ ରାଣ ।
ତମେ...କଦାପି ଯିବନି ସେଠାକୁ ।
କହି କହିକା ସଜୋରରେ ଉଠି ବସିଲା ପ୍ରିୟତମା ।
ଝିଅର ମାନ ମର୍ଯ୍ୟାଦା କ'ଣ ଏତେ ସରିକ ଗ୍ଲୋଟ !
ଝିଅର ଏହି ସବୁ କଥାମାନ ଶୁଣି ।
ମୁକୁନ୍ଦ ବାବୁ ।
ଝିଅର ବିକୃତ ମସ୍ତିଷ୍କ ଭାବ ଅନୁମାନ କରି ଶଙ୍କିତ ହୋଇ ଉଠୁଥାନ୍ତି ।
ପର କ୍ଷଣରେ ପ୍ରିୟତମା ମୁହଁରୁ ସମସ୍ତ ବୃତ୍ତାନ୍ତ ବୁଝି ସାରିଲା ପରେ ।
ଆଶଙ୍କା ପରିବର୍ତ୍ତେ ଈର୍ଷା ଆଉ କ୍ଷୁବ୍ଧତାର ବଶବର୍ତ୍ତୀ ହୋଇ ।
ସେ ମଧ୍ୟ ଜିଦ୍ ଧରି ବସିଲେ ।
କହିଲେ; ନା-ମା !
ମୁକୁନ୍ଦ ଏ ଧରଣର ନିମନ୍ତ୍ରଣକୁ ଯଥେଷ୍ଟ ଅପମାନର ପ୍ରତିକ୍ରିୟା

ବୋଲି ମନେ କରେ ।
ହୋଇ ପାରନ୍ତି ସେ ଓଡ଼ିଶାର ଭୂତପୂର୍ବ ଚିଫ୍ ଜଷ୍ଟିସ ଆଉ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ।
କିନ୍ତୁ ତାଙ୍କଠାରେ ମାନବିକତାର ସଞ୍ଚାର ଯେ ଏତେ ଊଣା ତାହା ମୋତେ ମାଲୁମ ନଥିଲା ।
ତୁ ଜାଣୁ ନା ମା—;
ଶିଶିର ବାବୁଙ୍କ ସାଥିରେ ବନ୍ଧୁତାର ସମ୍ପର୍କ ସେ ଅଜ ବହୁତ ଦିନରୁ ।
ଇତି ପୂର୍ବରୁ ସେ ଯେତେବେଳେ ଅସୁଥିଲେ ତାଙ୍କ ବଂଗଲାକୁ ।
ଆଉ ସେତେବେଳେ ମଧ୍ୟ ମୋର ଥିଲା ପୂର୍ଣ୍ଣ ଜମିଦାରୀ ।
ତାଙ୍କର ମୋର ଥିଲା ଅତି ପ୍ରିୟତା ।
ସେହି ପ୍ରିୟ ମମତା ବଶରେ ।
ତାଙ୍କ ସାଥିରେ ଆଉ ଏକ ନୂତନ ସମ୍ବନ୍ଧର ଭାବ ।
ଜିଁକମାରି ଅସୁଥିଲା ଅମ ଉଭୟଙ୍କ ମଧ୍ୟରେ ।
କିନ୍ତୁ ପରିବର୍ତ୍ତନଶୀଳ ଯୁଗରେ ଯୋଉଦିନଠାରୁ ମୋର ଗଲା ଜମିଦାରୀ
ମୁଁ ହେଲି ମଧ୍ୟବିତ୍ତ ଶ୍ରେଣୀର ଲୋକ ।
ଠିକ୍ ସେହିଦିନୁ ଆଉ କାହିଁକି ସେ ମୋ ସାଥିରେ ପୂର୍ବପରି ମିଳାମିଶା କରିବାକୁ ଅଡ଼େଇ ଅଡ଼େଇ ହେଲେ ।
ମୁଁ ମଧ୍ୟ ସେହି ସଂକୀର୍ଣ୍ଣ ମନଭାବ ବୁଝିପାରି ।
ଆପଣା ମହତ ଜାଗି ରହିଲି ତଫାଉତରେ ।
ଆଉ...
ଅଜି ଏହି ମୌଖିକ ନିମନ୍ତ୍ରଣରେ ।
ଭୁବନେଶ୍ୱର ମୂଳକରୁ ଯିବି କଟକ ସହରକୁ ଲୌକିକତା ରକ୍ଷା କରିବାକୁ !
ଅସମ୍ଭବ !

[ ଅଠରୂଲିଶ ]  ପ୍ରିୟବ୍ରତମାର ରଟି

ଦୀର୍ଘ ନିଶ୍ୱାସମାନ ଖର ହୋଇ ଉଠୁଥିବା ବେଳେ । ଅତ୍ୟନ୍ତ ଆକ୍ଷେପ ପୂର୍ଣ୍ଣ ଅନ୍ତର ସହ; କ୍ଷୀଣ କଣ୍ଠରେ କହିଲେ ।
ସମସ୍ତ କିଛି ସମ୍ଭବ ହୋଇ ପାରିଥାନ୍ତା । ଯଦିଚ ପୂର୍ବପରି ଥାଆନ୍ତା ତାଙ୍କର ସେହି ହୃଦ୍ୟତା ।
ବୋଧହୁଏ ସାମୟିକ ସମ୍ଭ୍ରମ ହାନୀ ହେବା ଦୃଷ୍ଟିରୁ ।
କ୍ଷଣିକ ପାଇଁ ବିବେକ ହରା ହୋଇ ପଡ଼ିଥିଲେ ମୁକୁନ୍ଦ ବାବୁ ।
ବାସ୍ତବ ଜଗତରେ ଆଲୋଡ଼ଣ ଆଡ଼କୁ ଦୃଷ୍ଟିପାତ କରି ସ୍ଥିର ପ୍ରବୃତ୍ତିରେ । ଅନ୍ତର୍ବିପ୍ଳବକୁ ଶାନ୍ତ କରେଇ । ହୃଦୟଙ୍ଗମ କରିବାକୁ ଲାଗିଲେ ।
ଧନୀ, ଦରିଦ୍ର ଆଉ ମଧ୍ୟବିତ୍ତମାନଙ୍କ ମଧ୍ୟରେ ଯଥାର୍ଥ ସମ୍ବନ୍ଧ କେଉଁଠି ?
ସୁନାକୁ ସୁନା ବ୍ୟତୀତ ଅନ୍ୟ ଧାତୁ ଦ୍ୱାରା ଝଳେଇ ବସିଲେ । ଯେଉଁ ପରିକି; ସୁନା ରଙ୍ଗ ସାଥିରେ ଅନ୍ୟ ଧାତୁର ରଙ୍ଗ ସାମିଲ ହୋଇ ନଥାଏ । କାଳ କାଳ ବ୍ୟାପି; ଧନୀ, ଦରିଦ୍ର ଆଉ ମଧ୍ୟବିତ୍ତଙ୍କ ସମ୍ବନ୍ଧ ପ୍ରାୟ ସେହି ଧରଣର ।
ମନର ସମସ୍ତ ଆବଶୋଷମାନ ଗୁପିରଖି । ଅତି ନିକମା ଧରିଗଲା ଭଳି କ୍ରମଶ ଧୀରେ ଧୀରେ । ଡାହାଣ ହାତ ପାପୁଲିଟିଲେ । ଝିଅ ପ୍ରିୟତମା ମଥାକୁ ସାଉଁଳେଇ ସାଉଁଳେଇକା ଆଶ୍ୱାସନା ଦେଉଥାନ୍ତି—;
ବାପୁଣିଠା !
ଏଇ ତୁଚ୍ଛା କଥାରେ ଏତେ ପରି ଅଧୈର୍ଯ୍ୟ ହେବାଠା ଆଦୌ ଉଚିତ ନୁହେଁ ମା ! ତୁ ଏଖଣି ନିଶ୍ଚିନ୍ତ ରହ...
ମୁଁ କଦାପି ତାଙ୍କ ଦୁଆରକୁ ଯିବି ନାହିଁ ।
ବାପାଙ୍କର ଏହି ଧରଣର ଅଙ୍ଗିକାରମାନ ଶୁଣି ।
ଉପସ୍ଥିତ ଅବସ୍ଥାକୁ ସୁଧାରି ନେବା ପାଇଁ । ଅଗତ୍ୟା ପଥର ଚପେଇ ରଖିଲା ଫଳ । ପ୍ରିୟତମା ଗୁପି ରଖିଲା ତା ଗୋପନ ଅନ୍ତରର ସମସ୍ତ କୋହମାନ ।

ପ୍ରିୟତମାର ଚିଠି [ ଅଣରୁଣ ]

ଠିକ୍ ଏଇ ଘଣ୍ଟାଟିର ପ୍ରାୟ ଦିନ ଆଠ ନଅ ପରେ ।
ଅବଶ୍ୟ ଇତି ପୂର୍ବରୁ ଯଦିଓ ସେ ଯାଅ-ଆସ କରୁ ନଥିଲା ପୋଖରୀ ତୁଠକୁ ।
ଦଇବ ଯୋଗେ ସେଦିନ କାହିଁକି ରାଜ କୁମାର ବାବୁଙ୍କ ବଗିଚା ପାଖ ପହୁଁଅ ପୋଖରୀକୁ ଯାଇଥିଲା ଗାଧୋଇ ।
ଗାଧୁଆ ତୁଠରେ ପହଞ୍ଚିବା ମାତ୍ରକେ ।
ତୁଠ ଭର୍ତ୍ତି ଗାଁ ମାଇପେ ।
ପ୍ରିୟତମାକୁ ଦେଖି କାହିଁକି କେଜାଣି ? ଠରାଠରି ହୋଇ ଟୁପ୍‌ଟାପ୍ କଥାରେ ହସା ହସି ହେଉଥାନ୍ତି ।
ସେ ତ ଲୁଚେଇ ରଖିବା ପଦାର୍ଥ ନୁହେଁ ।
—ଗୁଁ ବାରି ହୋଇ ପଡୁଥାଏ ।
ଆଜି ମଧ୍ୟ ସମସ୍ତେ ନୋହିଲା କଥାରେ ହୋଇଲା ସାବୁତ ପାଇ ।
···ବବାକ ଅବା କାବା ହୋଇ ଯାଉଥାନ୍ତି ।
ନ ହେବେ ବା କିପରି ?
ଅବାଡୁଆ ଝିଅଟାର ଇମିତି ପୁଣି କିମିତି ହେଲା···!
ସେତେବେଳେ କିନ୍ତୁ ତାଙ୍କ ମାନଙ୍କ ଆଡ଼କୁ ବିଶେଷ ଲକ୍ଷ୍ୟ ନଥିଲା ପ୍ରିୟତମାର । ସମସ୍ତେ ଗାଧୋଇ ସାରି ମୁଣ୍ଡ ପୋଛି ହୋଇଯିବା ପର୍ଯ୍ୟନ୍ତ ।
ସେ କିନ୍ତୁ ସ୍ଥିରସ୍ଥିର ଭାବେ ଅନ୍ୟମନସ୍କା ହୋଇ ଆପଣା ଗାଧୁଆ ପାଇଟିରେ ଧିଆନ ଦେଇ ରହିଥିଲା ।
ନିଜର ଗାଧୁଆ ଧନ୍ଦା ସରିଲାରୁ ।
ନେଉଟାଣି ବାଟରେ ।
କ'ଣ କରିବ; ରୁକ୍ମିଣୀ ମନଟାତ ସମ୍ଭାଳି ହେଉ ନଥାଏ ।
ଗୋପନ ଅଢୁଆଳରେ ସଜଳ ହୋଇ । ଗୋଡ଼ ଠେକା ଠେକା ବାଡ଼

ଅଗ ଉଆଁ ସେପଟ ଯାଏ ।
ଅନିଶା କଲା ରାଜ କୁମାର ବାବୁଙ୍କ ହତା ଭିତରକୁ ।
ଦେଖିଲା ଶୁକ—;
ଫୁଲ୍ ଗଛ ଗୁଡିକରେ ପାଣି ଛିଞ୍ଚୁଛି ।
ଡାକିବ କି ଡାକିବ ନାହିଁ । ଏହି ଧରଣର ସାତପାଞ୍ଚ ହେଉଥିବା ବେଳେ । କିଏ କ'ଣ ଷିଚ୍ଛୁର ପକାଉଥିଲା ଭଳି ।
ତଣ୍ଟି ପାଖଟା କାହିଁକି ଟିକେ ଗତ ଗତେଇ ଉଠିଲାରୁ ।
ଦୁଇ ତିନି ଥରପାଇଁ କାଶି ଉଠିଲା ପ୍ରିୟତମା ।
ମଥା ନୁଆଁଇ ଧନ୍ଦାରେ ବ୍ୟସ୍ତଥିଲା ଶୁକ ।
ନିଶବ୍ଦ ମଝିରେ ସହସା ଖଣ୍ଡି କାଶର ଆବାଜ ସାରାଟା ବଗିଚା ଭିତର ଦେଇ ମୁଖରିତ ହୋଇ ଉଠିଲାରୁ ।
ମଥା ଟେକି ଚଗା ମଙ୍ଗିଆ ଚାହାଁଣୀରେ ଚଉକଡିକ ଚାହିଁଲା ଶୁକ ।
ନଜର ପଡ଼ିଯିବାରୁ । ପାଣି ଛିଞ୍ଚା କାର୍ଯ୍ୟ ବନ୍ଦ କରି । ହାଉଲେ ହାଉଲେ ଆଇଲା ପ୍ରିୟତମା ପାଖଯାଏ ।
ଏଥର କିନ୍ତୁ ପ୍ରିୟତମା ଦମ୍ଭ ସଜାଡି ପଚାରିଲା । କେବେଠୁଁ ଆଇଲଣି ?
ହାଲୁକା କଣ୍ଠରେ କହିଲା ଶୁକ—;
ଏଇ ସାତମଙ୍ଗଳା ବାସି···ହଁ କାଲି ତ ଆସି ପହଞ୍ଚିଲି'ଉ !
କଥା ପ୍ରସଙ୍ଗରେ ନିଜର ତ୍ରୁଟି ସ୍ୱୀକାର କରିବାକୁ ଯାଇ ନିଉନ ପ୍ରକାଶ କଲା ଶୁକ ।
ଶୁଣୁ ଭଉଣୀ; ବୋଧହୁଏ ମୋ ଉପରେ ଧୋସା ହୋଇଥିବୁ ।
ଖବରଟା ଜଣେଇବାକୁ ବିଲ୍‌କୁଲ ଭୁଲି ଯାଇଥିଲି ।
—ତୋ ଦେଇଥିବା ଚିଠି ଖଣ୍ଡିଟା; ଖୋଦ ତାଙ୍କ ହାତକୁ ଦେଇଥିଲି ।
ପଢିଥିବେ କି-ନା କହି ପାରୁନାହିଁ । କିନ୍ତୁ କିଛି ଜବାବ ତ ଦେଇ ନାହାନ୍ତି !

ଶୁକ ମୁହଁରୁ ଏହି ଶେଷ ଖବର ଠିକକ ଶୁଣି ।

ବାଲି ଆଡ଼େଇଲେ ଅନ୍ତସଲିଳା ଫଲ୍‌ଗୁ ନଦୀରେ ଯେଉଁପରିକି ଝର ପଡ଼ି ଆସିଥାଏ । ଠିକ୍ ସେହିଭଳି ।

ବନ୍ଧୁ ସଞ୍ଚରି ଆସିଥିଲା ପ୍ରିୟତମାର ଗୋପନ ଅନ୍ତରର ବିରହ ବ୍ୟଥା-ମାନ ।

ଆଖି ପତା ଗୁଡ଼ିକର ବନ୍ଧ ଭାଙ୍ଗି ଉଚ୍ଛୁଳି ପଡ଼ିଲା ଭଳି ଦିଶୁଥାନ୍ତି ଲୁହ ସବୁ ।

ସେତେବେଳେ ସେ ଆଉ ସିଧା ସଳଖ ଭାବେ ଅନାଇ ପାରି ନ ଥିଲା ଶୁକ ମୁହଁ ଆଡକୁ ।

ତହିଁ ଉତ୍ତାରୁ ଆଉ ଅକାରଣରେ ଠିଆ ନ ହୋଇ ବାଟ ଭାଙ୍ଗି ଘର ମୁହାଁ ହୋଇଥିଲା ପ୍ରିୟତମା ।

ଏଣେ ଗନ୍ଧରୁ ଟେର ପାଇଲାଭଳି ଯୋଗୀନି ପରି । କାଳି ଜିଭ କଅଁା ଡାଆଣୀ ପଞ୍ଚୁଆ ବୋଉ ।

କୋଉଟୁ ସୁଙ୍ଘୁଙ୍ଗା ବାରି; ସୁତର ଉଣ୍ଡି ।

ଠିକ ମୁକୁନ୍ଦ ବାବୁ ଘରେ ନଥିଲା ବେଳେ ଯାଇ ହାଜର ହେଲା ପ୍ରିୟତମା ପାଖରେ ।

ଅବିକଳ ପୁଛନା ଡୋଳାପରି ଠେଗା ଠେଗା ଆଖି ଦଠାକରେ ।

ପହିଲେ ବେଶ କିଛିକ୍ଷଣ ଧରି ନିରଖି ନେଲା ପ୍ରିୟତମାର ଗୋଡ଼ଠାରୁ ମୁଣ୍ଡଯାଏ । ଦିନେ ନାହିଁ କାଲେ ନାହିଁ । ଅଥଚ ହଠାତ୍ ଆଜି ପଞ୍ଚୁଆ ବୋଉର ଉପସ୍ଥିତିରେ । ସେତେବେଳକୁ ଭାରି କିଛି ଦକ ଦକେଇ ଉଠୁଥିଲା ପ୍ରିୟତମାର ଛାତିଟା ।

ତାହାର କାରଣ; ଯୋଉ ପଞ୍ଚୁଆ ବୋଉର ଗଳାର ଆବାଜ ପାଇଲେ ଗର୍ଭିଣୀ ସ୍ତ୍ରୀ ଘର କଣରେ ଲୁଚନ୍ତି । ଛୁଆର ମା ଛଅଁଣୀ ପକେଇ ରଖେ ଦୁଆର ମୁହଁରେ ।

[ ବାଉବନ ]　　　　ପ୍ରିୟତମାର ଛବି

ଖାଲି ଏତିକି ନୁହେଁ । ଏପରିକି ଡିଆଁମାରି ଝୁଲୁଥିବା କଅଁଳା
ବାଛୁରି ଉପରେ ଅକସ୍ମାତ ପଇଁଆ ବୋଉର ନିଘା ପଡ଼ିଗଲେ ।
ସେ କଅଁଳା ବାଛୁରିଟିର ସବୁଯାଏ ଡିଆଁ ଡେଇଁ ଖେଳ । ଦେଖୁ
ଦେଖୁ ଛୁଞ୍ଚାକୁ କାହିଁକି ଥରି ଥରିକା ; ବେକ ମୋଡ଼ି ଅଲଜା
ଦେଇ ଝୁଇ ଦାଉଣ୍ଡି ହୁଏ ।।

ସେହି ପଇଁଆ ବୋଉର କି କାରଣ ଯୋଗ ଯେ ଆଜି ଆଗମନ;
ଏହି ହେଲା ଏକାନ୍ତ ଦୁର୍ଭାବନାର କଥା । ମାଇ କଙ୍କଡ଼ାର ବୁଢା
ଗୋଡ଼ ପରି । ପୋକଖିଆ, ଆଗକୁ ବାହାରି ପଡିଥିବା ଉଞ୍ଚୁ ଦାନ୍ତ
ଦନ୍ତାକ ଦେଖେଇ । ହସି ହସିକା କହିଲା !

ଆଉ ଏଣିକି ଘୁନିଆ ହୁଅନା ମା ! ଏ ସବୁ ହାମେସା ହୋଇଯାଏ ।
ଦୁନିଆ ସାରା କେତେ ଯେ ହେଉଛି ତାହାର କଳନା ନାହିଁ ।
ହଁ, କହୁଥିଲି କ'ଣ କି—
ବର୍ତ୍ତମାନକୁ ମଧ୍ୟ ବଞ୍ଚିତ ଅଛି ଯେ !
ଠିକ୍ ଏଇ ବଞ୍ଚିତରେ ଜାଗତିଆର ହୋଇ ଗଜା ଭାଙ୍ଗି ଦେଲେ
ଆଉ କୁଆଁ ମେଲିବାର କୌଣସି ପ୍ରକାରକା ଆଶଙ୍କା ନ ଥିବ ।
ଅବାଡୁଅ ଢୁଅଣ୍ଟା ଛୁ—;
କାହିଁକି ଛୁଞ୍ଚାଠାରେ ହଠ ନଠା ବସେଇବୁ !
ଶୁନୁଠାରେ ଦୋଗୁରୁଣୀ କଳଙ୍କ ମୁଣ୍ଡେଇବୁ !
ବଳିକି'—ଇଲମ ଅଛି ଯେ । ପଶୁ ପକ୍ଷୀବି ଠେର ପାଇବେ ନାହିଁ ।
ଚୁପ୍ଚେଟେରେ ସବୁ ପୋଛାପାଛି ଦେବ କହ; ମାଗି ବସିଲି ନଳଟେ
ପାନ ।

ପଇଁଆ ବୋଉ ଶରୀରରେ ଲୁମ ଯେତିକି ।
ତା ଠାରୁ ବଳି ଆହୁରି ଅଧିକ ।
ଇମିତିକା କାରବାରରେ କେତେ ବିଧବା ଆଉ କେତେ ଯେ ଅବା-

ଢୁଅ ଝିଅଙ୍କୁ ହଠା ନଠା ବିପଦ ମୁହଁରୁ ଉଦ୍ଧାର କରି ଆସିଛି ତାର ଇୟତ୍ତା ନାହିଁ ।

ପାଇଛି କ'ଣ ?

ରମ୍‌ପତ୍ ବୋଇଲେ ଖୁବ୍ ଜୋର ଖଦି ଖଣ୍ଡେ ନଚେତ୍ ଟଙ୍କାରୁ ଦଠା ଗୋଠାଏ ।

ସେଇଥିକରେ ତାର ଅବା କୋଉଠି ଦିନ କଟି ଯାଉଛି !

ବୋଇଲେ ଅଫିମ ଖିଆକୁ ନିଅଣ୍ଟ । ତଥାପି ଏଇଠା ତାର ଗୋଠାଏ ସ୍ୱାପୁର ବେଉସା କହିଲେ ଚଳେ ।

ପଞ୍ଚୁଆ ବୋଉର ଫୁସୁଲା ପୁସୁଲି ମରମ ଟିକକ ବୁଝିପାରି । ଜିଭ କାମୁଡ଼ି ପକାଇଥିଲା ପ୍ରିୟତମା । ତାତି ଆସିଥିଲା କାନ ମୂଳ ଦିଠାକ । ଉସ୍‌ମାନ ବାଣ୍ଡିପରି ମନ ମଧ୍ୟରେ ପ୍ରତିଧ୍ୱନିତ ହେବାକୁ ଲାଗିଲା ବାରଆଡ଼ୁ ବାର କଥାମାନ ।

"ଫିଟେଇ କହୁ କସିଲେ—;

ତା ବଦଳରେ କ'ଣ ଯେ ପାଇଛି ।

ନା; ପାଇନାହିଁ—;

ସମସ୍ତ ସାପେକ୍ଷ ମୁତାବକ ଯାହା ବା ପାଇବାକୁ ଯାଉଛି ।

ପ୍ରକୃତରେ—;

ପ୍ରକୃତରେ କିନ୍ତୁ ତାହା କଦାପି ଫିଙ୍ଗି ଦେଲା ଭଳି ନୁହେଁ !

ମାଏ ସେଇ ଟିକକହିଁ ମୋର ନାରୀ ଜନମର ମହା ପୁଣ୍ୟ ଫଳ ବୋଲି ଜାଣୁଛି···।"

ପ୍ରିୟତମା, ପୁନର୍ବାର କରି ଅନ୍ୟ କଥାର ସୂତ୍ରପାତ ନ କରି ।

ତରତର ହୋଇ ପଞ୍ଚୁଆ ବୋଉକୁ ପାନ ଖଣ୍ଡେ ଦେଇ । ବର୍ତ୍ତିମାନକୁ ବିଦାକଲା ଖଞ୍ଜା ବାହାରକୁ ।

ଇତି ପୂର୍ବରୁ କଥାଟା ଯାଇ ଫଟି ପଡ଼ିଥିଲା ଗାଁ ସରପଞ୍ଚଙ୍କ ମହଲରେ ।

[ ଚଇବନ ]

ପ୍ରିୟତମାର ଚିଠି

ସରପଞ୍ଚମାନେ ତତ୍ପରତାର ସହିତ ମେଳ ବାନ୍ଧି ମନ୍ତବ୍ୟ ସ୍ଥିର କରି ବସିଲେ ।

ଏହି ଅନ୍ୟାୟଗୁଡ଼ିକର ବିହିତ ପ୍ରତିକାର ନିମନ୍ତେ ଅବଶ୍ୟ ବିଧାନ ଗଢିବାକୁ ପଡିବ ।

ସେତେବେଳେ ସେମାନଙ୍କର ତୀବ୍ର ସମାଲୋଚନାମାନ ଶୁଣି କାହିଁକି ସଂଶୟ ବୋଧ ହେଉଥାଏ ।

ତାହାର କାରଣ; ଯେଉଁ ସବୁ ନାଉଁଆମାନଙ୍କୁ ଯୋଡ଼ି ଗଢା ଯାଇଛି ସରପଞ୍ଚ ।

ସେମାନେତ ଅନ୍ୟ କେହି ନୁହନ୍ତି ।

ସରପଞ୍ଚ ମୁଖା ପିନ୍ଧା ଗାଁର ସେହି ପୁରାତନ ଠାଉଠେର ।

ଯେଉଁମାନଙ୍କର ବିଗତ ଇତିହାସ ପୃଷ୍ଠମାନ ନେଉଟେଇ ବସିଲେ ଦେଖିବାକୁ ମିଳିବ । ଅସଂଖ୍ୟ ଭ୍ରୂଣ ହତ୍ୟା କାର୍ଯ୍ୟରେ ସିଦ୍ଧ ହସ୍ତ । ଆଇନ ଅଦାଲତରେ ମିଛ ସାକ୍ଷି ଦେବା ପାଇଁ ଧୁରନ୍ଧର । ଭ୍ରାତୃ ବିରୋଧ ନାଟକରେ ଶକୁନି ମାମୁଁର ଅଭିନୟ କରିବାକୁ ଆଗଭର । ବିଧବା ସମ୍ପତ୍ତିରେ ମାଲିକାନା ସତ୍ତ୍ୱ ଆଣିବା ପାଇଁ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ।

ନୂତନ ସରକାରର ଗ୍ରାମ ସ୍ୱରାଜ ପ୍ରତିଷ୍ଠା କ୍ଷେତ୍ରରେ । ଠିକ ଆଧୁନିକ ଗ୍ଲାସରେ ତିଆରି ନୂତନ ବୋତଲରେ । ସଜଡ଼ା ପୁରାତନ ମଦପରି । ପ୍ରବଳ ମାଦକତା ଗୁଣରେ ପରିପୂର୍ଣ୍ଣ । କେବଳ ସରପଞ୍ଚ ଲେବୁଲ ମରାଯାଇ ଖଞ୍ଜା ଯାଇଛି ମାତ୍ର ।

ପୁନଶ୍ଚ; ତାଙ୍କ ମାନଙ୍କ ମଧ୍ୟରେ ନିର୍ମଳ ମନ ପ୍ରାଣ ଦେଖନି । ଦୁର୍ନୀତି ପ୍ରତିରୋଧ ନିମନ୍ତେ କଣ୍ଠିତ୍ୱ ଭାବ ଦର୍ଶାଇ । ଯେଉଁ ନୂତନ କଳେବରେ ଗୁଡ଼ିକର ଆବିର୍ଭାବ ହେଲା ।

ସେମାନଙ୍କ ସମ୍ବନ୍ଧରେ ଯତ୍ ସାମାନ୍ୟ କହିବାକୁ ଯାଇ । ମାତ୍ର ଏଭ

ଠିକଣ କୁହାଯାଇ ପାରେ ଯେ ।
ଯଥା—,
କୁଳର ସୁପୁତ୍ର । ଅତ୍ୟନ୍ତ ମଦ୍ୟପି ହୋଇ ପଡିବାରୁ ।
ଘୃଣାରେ ନାସିକା କୁଞ୍ଚିତ କଲେ ପଡ଼ୋଶି ଲୋକେ । ମଧ୍ଯ ନିନ୍ଦା କରିବାକୁ ଲାଗିଲେ ସର୍ବତ୍ର ବ୍ୟାପି ।
ଅତ୍ର ନିନ୍ଦାବାଦ ପ୍ରଶ୍ନରେ । ପିତାର ହେଲା ଘୋର ମନସ୍ତାପ ।
ତହୁଁ ପିତାଙ୍କର ସୁହୃଦ ବନ୍ଧୁମାନେ ।
ପୁତ୍ରକୁ ଜଣେଇଲେ ପିତାଙ୍କର ମନସ୍ତାପ କଥା । ଆଉମଧ୍ଯ ମଦ୍ୟପାନ ତ୍ୟାଗ କରିବା ନିମନ୍ତେ ପିତାଙ୍କର ନିଷେଧ କଥା ।
ପିତାଙ୍କର ବନ୍ଧୁ ମାନଙ୍କୁ ଉତ୍ତରରେ କହିଲା ପୁତ୍ର !
ହଁ; ମଦ ପିଇବା ଅଭ୍ୟାସ ଅତି ଅନାୟାସରେ ମୁଁ ଛାଡିଦେଇ ପାରିବି । କେବଳ ଥରକ ପାଇଁ । ମଦ୍ୟପ ମାତ୍ର ତୋଳେ ମଦ ପିଇବେ ବାପା । ଜାଣି ରଖନ୍ତୁ; ତାହା ହେଲେ ମୁଁ ମୋର ଏହି ବଦ ଅଭ୍ୟାସ ଠିକଣ ତ୍ୟାଗ କରି । କୁଳର ମର୍ଯ୍ୟାଦା ରକ୍ଷା କରିବାକୁ ଯତ୍ନବାନ ହେବି । ନଚେତ୍......
ତହୁଁ ସମସ୍ତେ ଯାଇ ଅନୁରୋଧ ଜଣେଇଲେ ଉକ୍ତ ପୁତ୍ରର ପିତାଙ୍କ ନିକଟରେ ।
ତାତ୍ପର୍ଯ୍ୟ ବୁଝେଇବାକୁ ଯାଇ କହିଲେ ।
ଦେଖନ୍ତୁ; ତୁମେ ଯଦି ମାତ୍ର ଥରକ ପାଇଁ ଗୋଟିଏ ତୋଳ ମଦ ପିଇଲେ । ପୁତ୍ର ତୁମର ଭଲ ବାଟକୁ ଫେରି ଆସି ପାରିବ । ସେଥିରେ ଆଉ କ୍ଷତି ବଢ଼ୁଛି କ'ଣ ?
ଏହା ସତ ଯେ ପୁତ୍ରର ମଙ୍ଗଳ ନିମନ୍ତେ ।
ବାଧ୍ୟ ହୋଇ ପିତାକୁ ସମସ୍ତ କିଛି କରିବାକୁ ପଡିଥାଏ ।
ପୁତ୍ରର ମଙ୍ଗଳ ନିମନ୍ତେ ଅଗତ୍ୟା ସେହି ପ୍ରସ୍ତାବରେ ସ୍ୱୀକୃତ ଜଣେ-

ଇଲେ ନିଷ୍ଠାପର ପିତା ।
ଆୟୋଜନ ମୁତାବକ ଅବଶ୍ୟ ଗୋପନ ସୂତ୍ରରେ । କାହାରି ନଜର ନ ପଡିଲା ଭଳି । ଏକ ଅପଠ ଘରେ ବସି ମଦ ପିଇବାକୁ ଆରମ୍ଭ କଲେ ପିତା ।
ପ୍ରଥମେ କିନ୍ତୁ ଅତି ବାଧ ବଶତଃ ମାତ୍ର ଢୋକେ । ତା ପରେ ଦ' ଢୋକ ।—ତିନି ଢୋକ । ଏହାପରେ କ୍ରମଶ ମାତ୍ରା ବଢି ଚାଲିଲା ।
ଶେଷକୁ ପୁରା ମଦ ନିଶାରେ ମଜଗୁଲ୍ ହୋଇ ।
ନିଶା ଜର୍ଜରିତ କଣ୍ଠରେ ଜବାବ ଦେଲେ ପିତା ।
ବନ୍ଧୁଗଣ !
କୁହ ଯାଇ ପୁତ୍ରକୁ । ସେ ଅବଶ୍ୟ ମଦ ଛାଡ଼ିଲେ ଛାଡୁ ପଛକେ ।
କିନ୍ତୁ; ଉଁ—ହୁଁ …
—ମୁଁ କଦାପି ନୁହେଁ ।
ଶେଷକୁ ଦେଖାଗଲା । ପିତା ପୁତ୍ର ଦୁହେଁ ଏକ ଯୋଗେ ବସି ମଦ୍ୟ ପାନରେ ରତ ରହିଛନ୍ତି ।
ପିତୃ ରୂପକ କର୍ତ୍ତୃତ୍ୱ ପ୍ରଦର୍ଶନକାରୀ । ନବ କଳେବର ଧେନୁ ଅନ୍ତର୍ଭୁକ୍ତ ହୋଇଥିବା ଶରପଞ୍ଚଙ୍କ ସଙ୍ଗତି । ତଥା ଆଲୋଚିତ ପିତା ପୁତ୍ରଙ୍କର ସମନ୍ୱୟ ଭାବ ପରି ପରିଲକ୍ଷିତ ହେଉଥାଏ ।
ତେଣୁ ସଂଶୟ ନ ମେଣ୍ଟିବାର ଏହି ସବୁ ଥିଲା ମୂଳ କାରଣ ।
ଆଉ ମଧ୍ୟ ରାଜ ଜେମାକୁ ମାଲୁଣୀର ନାଇଚକା ଫୁଲ ଯୋଗେଇବା ମାଧ୍ୟମରେ ।
ଯେଉଁପରିକି; କୌଣସି ଏକ ଶଠ ପୁରୁଷ ସାଥିରେ । ରାଜ ଜେମାକୁ ମିଳନ କରାଇ ଦେବାର ସୁତର ଟିକିକ । ଆଖିର ବେଲକୁ ବାସ୍ତବରେ ପରିଣତ ହୋଇଥାଏ ।
ଠିକ ସେହିଭଳି; ପଞ୍ଚୁଆ ବୋଉ ଜରିଆରେ । ଭିତର ମାମଲତ

ଠିକଣା ଫଇସଲ ହୋଇ ।
ଶରପଅଁଙ୍କ ମଧ୍ୟରୁ କୌଣସି ଏକ ଓଥବା ସାଥିରେ । ପ୍ରିୟତମାର ମିଳନ ଘଟାଇ ଦେବା ଆଉ ଏକ ଦୁରଭ ସନ୍ଧାଟାଏ ଥିଲା ପଅଁୁଆ ବୋଉର ।
ଏହି ଚେଷ୍ଟାରେ ପଅଁୁଆ ବୋଉ ।
ବାରମ୍ବାର କରି ପ୍ରିୟତମା ନିକଟରୁ ବ୍ୟର୍ଥ ହୋଇ ଆସୁଥିବା ଫଳରେ ।
ତେଣେ ଶରପଅଁ ମାନଙ୍କ ମଧ୍ୟରେ । ବହୁତ ପ୍ରକାରକା କୌଶଳ କରି ସୁଦ୍ଧା । ଆଖର ବେଳକୁ କୌଣସି ଏକ ଶେଷ ସିଦ୍ଧାନ୍ତରେ ଉପନୀତ ହୋଇ ପାରି ନଥିଲେ ।
ମାତ୍ର ମାମୁଲି ଧରଣର ।
ପିତା ପୁତ୍ରୀଙ୍କୁ ସମାଜରେ ଅଟକ ରଖିବା ପାଇଁ । ବଲବତ୍ କରି ପାରି ଥିଲେ ଏକ ଅଳ୍ପତା ପୂର୍ଣ୍ଣ କଟକଣା ।
ଇତି ମଧ୍ୟରେ ଅକସ୍ମାତ ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ ହେଲେ ମୁକୁନ୍ଦବାବୁ । ବାପାଙ୍କ ରୋଗ ଶଯ୍ୟା ପାର୍ଶ୍ୱରେ । ସର୍ବକ୍ଷଣ ପାଇଁ ଉପସ୍ଥିତ ଥାଇ ଶୁଶ୍ରୁଷା କାର୍ଯ୍ୟରେ ବ୍ୟତିବ୍ୟସ୍ତ ରହୁଥାଏ ପ୍ରିୟତମା ।
ରୁଗ୍ଣ ଶରୀରରେ ଦିନକୁ ଦିନ ନାନାଦି ଦୁଶ୍ଚିନ୍ତାମାନ ପ୍ରବେଶ କରି ଆହୁରି କ୍ଷୀଣ ଆଉ ଦୁର୍ବଳ ହୋଇ ପଡୁଥାନ୍ତି ମୁକୁନ୍ଦ ବାବୁ ।
ଝିଅର ଉପସ୍ଥିତ ଦଶାକୁ କେନ୍ଦ୍ର କରି । ସ୍ୱଜନମାନଙ୍କ ଠାରୁ ଆରମ୍ଭ କରି ପ୍ରିୟଜନ ମାନଙ୍କ ପର୍ଯ୍ୟନ୍ତ । ଯେଉଁ ସବୁ ଅପବାଦ ଆଉ ସମାଜ କଟକଣାର ଦାଉ ପ୍ରଖର ହୋଇ ଉଠିଛି ।
—ସେ ଆଜ ଆଖି ବୁଜିଲେ ପ୍ରିୟତମାର ଦଶା କ'ଣ ନ ହେବଟି !
ପ୍ରିୟତମା ଶେଯ କଡ଼ରେ ବସି ଧୀରେ ଧୀରେ ଆଉଁସି ଦେଉଥାଏ ବାପାଙ୍କ ହାତକୁ ।
ଅନ୍ୟାନ୍ୟ ଦିନ ଅପେକ୍ଷା ସେ ଦିନ ଟିକେ କାହିଁକି ଅସୁସ୍ଥତା ବୃଦ୍ଧି

ପାଇ ଥିବାର ଅନୁମାନ ହେଉଥାଏ ।

ସେହି ସମୟରେ ଝୁବ୍ ପ୍ରବଳ ଭାବେ କାହିଁକି କାଶି ଉଠିଲେ ମୁକୁନ୍ଦ ବାବୁ । ବହୁକ୍ଷଣ ଧରି କାଶୁଥିବା ଫଳରେ ।

ସହସା ଥାଳ୍କାଏ କଫ ସହିତରେ ଉଦ୍‌ଗାରଣ ହୋଇ ପଡିଲା କଅଁା ରକ୍ତ ଝଲକାମାନ ।

ଦେଖୁ ଦେଖୁ ମୁହୂର୍ତ୍ତକ ମଧ୍ୟରେ ଡୋଳା ନେଉଠାଇ ପକାଇଲେ ମୁକୁନ୍ଦ ବାବୁ ।

ବାପାଙ୍କ ଛାତିରେ ମଥା କଚୁଡି ଅତି ଚିତ୍କାର କରିବାକୁ ଲାଗିଲା ପ୍ରିୟତମା । ବାହୁନି ବାହୁନି ବିତିଗଲା ସାରାଠା ରାତି । ଏପରି ବିପଦ ବେଳରେ ତଥାପି ଦୁଆର ମାଡି ଆଇଲେ ନାହିଁ ଶିରପଅଁଙ୍କ କଟକଣା ଭୟରେ ପଡ଼ୋଶି ଆଉ ପ୍ରିୟଜନମାନେ ।

ପ୍ରିୟତମା; ମୃତ ପିତାର ଶବ ଦେହ ସତ୍କାର ନିମନ୍ତେ ଦ୍ୱାର ଦ୍ୱାର ବୁଲି ପ୍ରାର୍ଥନା ଜଣେଇଲା ପ୍ରତିଟି ଲୋକଙ୍କ ପାଦତଳେ ଗଡି । କଦାଚ ତରଳିଲା ନାହିଁ କାହାର ହୃଦୟ ।

ଯାହାଙ୍କର ବା ଟିକେ ଅଧେ ବଦଳି ଆସୁଥିଲା ମନ ଭାବଠା ।

ସମାଜର କଟକଣା ଲଙ୍ଘନ କରିବାକୁ ସାହସୀ ନ ହୋଇ ପାରି ସେମାନେ ମଧ୍ୟ ପାଷାଣ ପାଲଟି ଯାଇଥିଲେ । ତହୁଁ ଏହି ସମସ୍ତ ଘଟଣାମାନ ଉପଲବ୍ଧି କରି ନିରବ ଆଉ ନିଷ୍କ୍ରୀୟ ରହି ପାରିଲେ ନାହିଁ ଏ ଯୁଗର ଯୁବକମାନେ ।

କୁସଂସ୍କାର ମୂଳକ କଟକଣାକୁ ଲଙ୍ଘନ କରି ଅଣ୍ଟା ଭିଡ଼ି ଠିଆ ହେଲେ ଶବ ସତ୍କାର ନିମନ୍ତେ ।

ଯାହାହେଉ ଲୋକ ସମାଜ ଆଉ ପାରିପାର୍ଶ୍ୱିକ ପ୍ରଭାବରୁ ଯେତେ ପରି ଝଡ଼ ଝଞ୍ଜା ଆସୁନା କାହିଁକି ।

ଏକମାତ୍ର ଶୁକର ଗୋପନ ସହାୟତା ବଳରେ ସମସ୍ତ ବିପଦରୁ ଉଧାର

ପାଇ ଆସୁଥାଏ ପ୍ରିୟତମା ।

ସେତେବେଳକୁ ପ୍ରାୟ ବେଶ୍ କିଛିଦିନ ବିତି ଗଲାଣି ।

ଦିନେ ସଂଧ୍ୟା ସମୟରେ । ଶୁକ ଯାଇ ବସି ରହିଥିଲା ପ୍ରିୟତମାଙ୍କର ଦାଣ୍ଡ ପିଣ୍ଡାରେ ।

ଦାଣ୍ଡ ଦୁଆର ମୁହଁରେ ଥିବା ଚଉଁରା ମୂଳକୁ ସନ୍ଧ୍ୟା ଦେବା ପାଇଁ ଆସି ହଠାତ୍ ନଜର ପଡ଼ି ଯିବାରୁ । ପ୍ରିୟତମା କହିଲା ଶୁକ ଭାଇ; ଖର ଜନ୍ତୁଙ୍କର ଗତାଗତ କାଳଟା—ଝୁଲି ତଳକୁ ଗୋଡ଼ ଓହଳେଇ ଇମିତ ଏକାଠିଆ ହୋଇ ବସିଚୁନା !

ନୀରବ ଆଉ ନିଷ୍ଚଳ ହୋଇ ବସିଥିଲା ଶୁକ ।

ପ୍ରିୟତମାର କଥା ଶୁଣି ଆପଣା ହୃଦୟର ଏକାଗ୍ରତା ବାଉଳେଇ ଗଲାରୁ । ଝାଡ଼ ଝୁଡ଼ ହେବାକୁ ଲାଗିଲା ସେଠାରୁ ଚାଲିଯିବା ନିମନ୍ତେ । ଆଗେଇ ଯାଇଥିବା କେତଟା ଖୋଜରୁ । ପୁନଶ୍ଚ ପଛକୁ ହଟିଆସି ଠିଆ ହେଲା ଶୁକ ।

ଟିକେ ଥଙ୍ଗେଇ ମଙ୍ଗେଇ ହୋଇ କହିଲା ପ୍ରିୟତମାକୁ ।

ଅସ୍ଥ ଭଉଣୀ—;

ଆଉବା କେତେକାଳ ଇମିତ ଦୁଃଖ କଷ୍ଟମାନ ଭୋଗତମାନ କରି ଦିନ କଟେଇବୁ !

ଭାବୁଥିଲି—;

ପ୍ରିୟତମା ସେତେବେଳକୁ ଜଳି ଯାଉଥିବା ସଞ୍ଜ ସଳିତା ସାଉଠାକୁ ଚଉରାମୂଳେ ଥୋଇ ଓଳିଗି ହୋଇ ସାରିଥିଲା ।

ଶୁକ ଭାଇର କାତର ଉକ୍ତିମାନ ଶୁଣି କହିଲା ।

ମୁଁ ଜାଣେ ଶୁକ ଭାଇ—:

ଆଜି କାଲିକାର ଏଇ ନିଅଁଟିଆ କାଳରେ ତୁମେ ବା ଆଉ କେତେ ପର ସାହାଯ୍ୟ କରିବ !

କିନ୍ତୁ; କ'ଣ କରିବ ଯେ !
ଝିଅଟିର ବହିଁ ଝିଅ ଭଳି ଆଉ ତ ସେପରିକା ଗହଣା ଗାଣ୍ଠି କରୁନାହିଁ ।
ପ୍ରିୟତମାର ଏହିସବୁ କଥାରେ । ଭୀଷଣ ଭାବେ ମର୍ମାହତ ହେଲା ଶୁକ । ସ୍ନେହ ବିଗଳିତ ସ୍ୱରରେ କହିଲା ପ୍ରିୟତମାକୁ !
ନାରେ ନା—;
ମୁଁ କ'ଣ ସେହିସବୁ କଥାମାନ ଭାବି ଏଠାକୁ ଆସିଥିଲି ।
କହୁଥିଲି କ'ଣ କି—;
ଏଇ···ତୋ ହାଲ୍ ହକତ ସମ୍ବନ୍ଧରେ । ଥରେ ଯାଇ ସାନବାବୁଙ୍କୁ କହିଲେ ହୁଅନ୍ତା ନାହିଁ ?
ଶୁକ କଥା ଶୁଣି କାହିଁକି ଶିହରି ଉଠିଲା ପ୍ରିୟତମାର ସାରା ଶରୀରଟା କହିଲା; ତୋତେ ନେହୁରା ହେଉଛି ଶୁକ ଭାଇ ।
ମୋ ପରି ହତଭାଗିନୀର କଥା ପୁନର୍ବାର କରି ତାଙ୍କ ଆଗରେ କହ ।
ତାଙ୍କ ଦାମ୍ପତ୍ୟ ସୁଖରେ ବିଘ୍ନ ଘଟେଇବାକୁ ଚେଷ୍ଟା କରନା ଶୁକଭାଇ ଏଇତକ କଥା କହୁଥିଲା ବେଳେ କାହିଁକି ଭାରି କାନ୍ଦ ମାଡ଼ି ଆସିଲା ପ୍ରିୟତମାକୁ ।
କୋହ ସ୍ୱରରେ କହିଲା; ତୋତେ ମୋ ରାଣ ଶୁକ ଭାଇ—ତୋତେ ମୋ ରାଣ······
ଏତିକିବେଳେ ଶୋଇଥିଲା ଶେଯରେ ଥାଇ କାନ୍ଦି ଉଠିଲା ପ୍ରଦୀପ ।
ପ୍ରଦୀପର କାନ୍ଦଣା ଶୁଣି । ଶୁକ ଆଉ ପ୍ରିୟତମା ଦୁହେଁ ଧାଇଁଗଲେ ଘର ଭିତରକୁ ।
ପ୍ରିୟତମା ପ୍ରଦୀପକୁ ଶୋଇଥିଲା ଶେଯରୁ କୋଳକୁ ନେଇ ।
ତାର ସ୍ନେହ ମାତୃ ବାତ୍ସଲ୍ୟ ଚୁମ୍ବନ ପ୍ରଦାନରେ ଆତ୍ମହରା ହୋଇ ଉଠୁଥିଲା ବେଳେ ।

ପ୍ରିୟତମା କୋଳରୁ ଅପଣା କୋଳକୁ ଆଉଜେଇ ନେବା ପାଇଁ !
ଏ କଡ଼ରୁ ସେ କଡ଼ଯାଏ କୁଲ୍‌ବୁଲ୍ ହେଉଥାଏ ଶୁକ ।
ଯାହା ହେଉ ଏହି ଧରଣର ଆନନ୍ଦ ନିରାନନ୍ଦ ଆଉ ଅଭାବ ସ୍ୱଭାବ
ମଧ୍ୟ ଦେଇ ଅତିବାହିତ ହୋଇ ଚାଲିଥାଏ ଦିବସ ରଜନୀ ।
ତେଣେ ରାଜ କୁମାର ବାବୁଙ୍କର ସୁଖର ଦାମ୍ପତ୍ୟ ଜୀବନ । ପ୍ରାୟ
ଚତୁର୍ଥ ବର୍ଷର ପାଖା ପାଖି ହେବାକୁ ହେଲାଣି ।
କିନ୍ତୁ; ସହଜାତ ପ୍ରକୃତିର ପ୍ରତିଦାନ ପାଇବା ଆଶାକୁ ।
କୌଣସି ସନ୍ତାନ ସନ୍ତତିର ସମ୍ଭାବନା ପରିଲକ୍ଷିତ ନ ହେଉ ଥିବାରୁ ।
ପୁତ୍ର ଓ ପୁତ୍ର ବଧୂଙ୍କ କଥା ମନେ ପକେଇ ଦୁଃଖାନୁଭବ କରୁଥାନ୍ତି
ଶିଶିର ବାବୁ ଆଉ ଅଳକା ଦେବୀ ।
ସାତ ପଛରେ ବାନ୍ଧା ତୋଳା ହୋଇ । ରାଜକୁମାର ବାବୁଙ୍କର ସାଙ୍ଗ
ସାଥି । ସମ ବୟସ୍କ ଗୋଲଖର ପୁଅଟିଏ ହୋଇଥିବାରୁ ।
ଗୋଲଖ ପୁତ୍ରର ଏକୋଇଶା ପର୍ବ ଉପଲକ୍ଷରେ ।
ରାଜ କୁମାର ବାବୁଙ୍କୁ କରିଥାଏ ନିମନ୍ତ୍ରଣ ।
ରାଜକୁମାର ବାବୁ । ସେଇ ବାଲ୍ୟ କାଳର ସାଙ୍ଗ ସାଥି ଆଉ ବର୍ତ୍ତମାନ
ବୟସର ଏକମାତ୍ର ମିଳାପି ବନ୍ଧୁ ଗୋଲଖର । ନବଜାତ ପୁତ୍ରର
ଏକୋଇଶା ପର୍ବରେ ଯୋଗ ଦେବା ନିମିତ୍ତ । କୌତୁହଳ ହୋଇ
ରାଜକୁମାର ବାବୁ ପରିବାର ସହ ଯାଇ ଉପସ୍ଥିତ ହେଲେ ନିର୍ଦ୍ଦିଷ୍ଟ
ଦିନଟିରେ ।
ଗୋଲକ ସରକାରୀ ଅଫିସର ଜଣେ ସାମାନ୍ୟ କିରାଣୀ ହେଲେ କ'ଣ
ହେବ ।
ବହୁ ବିଶିଷ୍ଟ ଆଉ ଉଚ୍ଚ ପଦସ୍ଥ ବ୍ୟକ୍ତି ମାନଙ୍କ ସହିତରେ
ଘନିଷ୍ଠ ସମ୍ପର୍କର ଅଭାବ ନଥିଲା ତାର ।
ତେଣୁ; ତାଙ୍କ ଘରେ । ସେଦିନ ବହୁ ଉଚ୍ଚ ପଦସ୍ଥ ଆଉ ବିଶିଷ୍ଟ

ବନ୍ଧୁମାନଙ୍କର ସମାଗମ ଥିଲା ଯଥେଷ୍ଟ ।
ନବଜାତ ପୁତ୍ରର ମୁଖ ଦର୍ଶନ କରି । ଯାହାର ଯାହା କିଛି ଉପହାର
ମାନ ଦେବାକୁ ଥିଲା ।
ସେମାନେ ସବୁ ଦୋଳଣା ନିକଟରେ ଉପସ୍ଥିତ ଥିବା ଶିଶୁଟିର
ଜନନୀଙ୍କ କର କମଳରେ ଅର୍ପଣ କରୁଥିବା ସଙ୍ଗେ ସଙ୍ଗେ ।
ସେଗୁଡିକୁ ତୁଳ କରିବାକୁ ଯାଇ କ୍ରମଶ ସ୍ତୁପାକୃତ ହୋଇ ଉଠୁଥାଏ ।
ଶିଶୁଟିର ଜନନୀ । ଉପାହାର ଦିଆ ଯାଉଥିବା ସାମଗ୍ରୀମାନ ।
ପରମ ଆନନ୍ଦର ସହିତ ଗ୍ରହଣ କରୁଥିବା ବେଳେ ।
ହସ ହସ ହୋଇ ଜ୍ଞାପନ କରୁଥାଏ କୃତଜ୍ଞତାମାନ ।
ଏହିସବୁ ଆନନ୍ଦର ଧୁମଧାମ ମଧ୍ୟରେ ।
ରାଜକୁମାର ବାବୁଙ୍କ ସ୍ତ୍ରୀ ସୁନନ୍ଦା ଦେବୀଙ୍କ ମନରେ କାହିଁକି ସେତେ
ପରି ସ୍ୱସ୍ତିର ଉଦୟ ହେଉ ନ ଥାଏ । ଏତିକି ବେଳେ—;
ହଠାତ ବାହାରେ ଶୁଣାଗଲା ବହୁତ ଲୋକଙ୍କର ମୁଖସବ ଗୋଳ ।
ଗୋଳମାଳ ଅବାଜ ଶୁଣି । ଏଣିକାର ଆନନ୍ଦ ଉତ୍ସବ ଛାଡ଼ି । ସମସ୍ତେ
ଯାଇ ଉଙ୍କି ଝୁଙ୍କି ମାଇଲେ ଦାଣ୍ଡ ଗଡ଼କ ଆଡ଼କୁ ।
ପ୍ରକାଶରୁ ଘଟଣାଟା ବୁଝି ପଡିଲା—ଗୋଟିଏ ଛୁଆ ।
ବଶିଷ୍ଟ ଆଉ ଉଚ୍ଚ ପଦସ୍ଥ ଅତିଥି ମାନଙ୍କ ମଧ୍ୟରୁ ପ୍ରଶ୍ନ ଉଠିଲା—;
— କି ଛୁଆ ?
କେହି କେହି କହିଲେ ଭଲ ଭାବେ ପରଖିର ବୁଝନ୍ତୁ—;
ଯଦି କୁକୁର ଛୁଆ ହୋଇଥାଏ ମୁଁ ନେବ ।
କେହି କେହି କହିଲେ ଯଦି ନେଉଳ ଛୁଆ ହୋଇଥିବ ତାହା
ହେଲେ ମୁଁ ନେବ ।
ଆଉ ମଧ୍ୟ କେତେକଙ୍କ ମୁହଁରୁ ଶୁଣାଗଲା ଯେବେ ମୃଗ ସମ୍ବର ହୋଇ
ଥିବ । ଯେତେ ଟଙ୍କା ପଡୁନା କାହିଁକି ମୋର ।

ଉଡ଼ି ଭାଙ୍ଗି ଗଲାରୁ । କେତେକୁ ଜଣା ପଡିଲା ।
ଜନ୍ତୁ ଜାନୁଆରର ଛୁଆ ନୁହେଁ—ମଣିଷ ଛୁଆ ।
ବେଶି ଦୂର ଖଇଜର ଘଟଣାବ ନୁହେଁ ।
ଏଇ ବାରଙ୍ଗ ନଜକ ଠିକ ଜଙ୍ଗଲଠିର କଥା ।
ଛୁଆଟିକୁ ଆଣିଥିବା ଶିକାରୀ ଯୁବକଙ୍କଠିର କଥାରୁ ସମସ୍ତ କିଛି ବୁଝା ପଡିଲା ।
ବୋଧହୁଏ ମା'କୁ ତାର ବାଘ ଖାଇ ଯାଇଥିବ ।
ଧୋବ କନାରେ ସୁନ୍ଦର ଭାବେ ଗୁଡାଆ ଗୁଡାଆ ହୋଇ । ଗୋଟିଏ ବୁଦା ମୂଳେ ରଖାଥିଲା ଏଇ ଛୁଆଟି । ଏହି ଘଟଣାର ଅବଗତ ପରେ । ନେବା ପ୍ରଶ୍ନରେ ପୂର୍ବପର କୌତୁହଳ ହେବାକୁ ଆଉ କାହିଁକି କାହା-ରକୁ ଦେଖାଗଲା ନାହିଁ । ସୁନନ୍ଦା ଦେବୀ ସ୍ୱାମୀ ରାଜକୁମାର ବାବୁଙ୍କ ପାଖଯାଏ ଯାଇ ।
ରାଜକୁମାର ବାବୁଙ୍କ କାନପାଖେ ଥିର ଥିର ଗଳାରେ କ'ଣ କହିଲାରୁ ପ୍ରଥମେ ନାରାଜ ହେଉଥିଲା ଭଲି ମୁଣ୍ଡ ହୁଙ୍କାରିବାକୁ ଲାଗିଲେ ରାଜ କୁମାର ବାବୁ ।
ଏହାପରେ ନିମନ୍ତ୍ରଣ ରକ୍ଷା କରିସାରି । ଘରକୁ ଫେରିଲେ ରାଜ କୁମାର ବାବୁ ଆଉ ସୁନନ୍ଦା ଦେବୀ ।
ତହିଁ ଆର ଦିନ ସୁନନ୍ଦା ଦେବୀ ।
ଆପଣା ବାଁ ହାତ କହୁଣୀରେ । କଳା ଫିତାରେ ବନ୍ଧା ହୋଇଥିବା ତଉଁରିକୁ । ଫିଟେଇ ଦେବାକୁ ଅନୁରୋଧ କଲେ ରାଜ କୁମାର ବାବୁଙ୍କ ନିକଟରେ ।
ରାଜ କୁମାର ବାବୁ ସ୍ତ୍ରୀ ସୁନନ୍ଦା ଦେବୀଙ୍କ କଥାରେ ହସି ହସି କହିଲେ—;
ଥିବା ହାରା କ୍ଷତ କ'ଣ ହେଉଛି ? ଥାଉ···

[ ତଉଷଠି ]

ପ୍ରଦ୍ୟୁମ୍ନମାର ଷଠି

ସୁନନ୍ଦା ଦେବୀଙ୍କର ମାଉସୀ । ସେ ପ୍ରାୟ ବର୍ଷ ଦୁଇତିନି ପୂର୍ବ-
କାର କଥା । ହୁକୁମ ଦାତା, ଜଣେସିଦ୍ଧ ପୁରୁଷଙ୍କ ନିକଟରୁ ।
ଉକ୍ତ ଓଜଁରଅଠିକୁ ସଂଗ୍ରହ କରି ।
ସିଦ୍ଧ ପୁରୁଷଙ୍କ ନିର୍ଦେଶ ମତେ । ନିର୍ଦ୍ଦିଷ୍ଟ ଏକ ଶୁଭ ବାରରେ ।
କଳା ଫିତାର ଡୋର ସଜାଡି । ପବିତ୍ର ଜଳରେ ଧଉତ କରି
ସୁନନ୍ଦା ଦେବୀଙ୍କ ବାଁ ହାତ କହୁଣି ପାଖ ଉପର ଖୁଆରେ ବାନ୍ଧି-
ଦେଇ ବତେଇ ଦେଇଥିଲେ ।
ନାଇତ ଗାଧୋଇ ସାରି । ଏହି ଓଜଁରଅ ଧୁଆ ତିନି ଚଳକା
ଲେଖାଏଁ ଜଳ ପାନ କରୁଥିଲେ ସିଦ୍ଧ ପୁରୁଷଙ୍କ କଥାରେ···ଫଳ
ଫଳିବ । ମାଉସୀଙ୍କର ବତେଇ ଦେଇ ଯାଇଥିବା ନିୟମମାନ
ବ୍ୟତିକ୍ରମ ନହେବା ନିମିତ୍ତ । —
ସୁନନ୍ଦା ଦେବୀ ନାଇତିକା ସେହି ତମ୍ବା ଓଜଁରଅ ଧୁଆ ପାଣିରୁ
ତିନି ଚଳକା ଲେଖାଏଁ ପିଇ ପିଇ ଥକିତ ହୋଇ ଥିବାରୁ ।
ଶେଷରେ ଏ ପାଳନ ସବୁ ବୃଥା ଜାଣିପାରି । ବିଫଳ ମାନସରେ
ସ୍ୱାମୀଙ୍କୁ ଏହି ଅନୁରୋଧ ଠିକିକ ଜଣେଇ ଥିଲେ କି ? ଅଙ୍ଗ ଶୋଭାକୁ
ବିଦର୍ପ୍ସୀ କରୁଥିବା ଓଜଁରଅଠିକୁ ମୁକାଳି ବାମ୍ପୀ ଜଳରେ ଫିଙ୍ଗିଦେଇ
ଉଦ୍ଦେଶ୍ୟ ମାନ ସ୍ଥିର କରି ।
ଯାହାହେଉ ତଥାପି, ଇମିତିକା ଗୋଠାଏ ନୈରାଶ୍ୟପୂର୍ଣ୍ଣ ହୃଦୟ
ଧେନି ଦିନ କଟାଉଥିବା ମାଧ୍ୟମରେ ।

ସୁନନ୍ଦା ଦେବୀଙ୍କର ଶୋଇବା ଘରଟିରେ ଥିବା । ରାଜ
କୁମାର ବାବୁଙ୍କର । ରାଜକୁମାର ବାବୁ ବିଦ୍ୟାର୍ଥୀ ଥିବା ବେଳରେ ।
ଯେଉଁ ଟେବୁଲ୍‌ଟି ପଢିବା ଟେବୁଲ୍ ରୂପେ ବ୍ୟବହାର କରୁଥିଲେ ।
ସେହି ଟେବୁଲ୍‌ଟିର ଦରାଜ ଭିତରେ ଥିବା ବହୁତ ଦିନର ଅସଜଡ଼ା
କାଗଜପତ୍ର ସବୁ ସଜାଡି ରଖୁଥିବା ବେଳେ । ଶୁକ ହାତରେ

ପଠାଇଥିବା ପ୍ରିୟତମାର ସେହି ପୁରାତନ ଚିଠି ଖଣ୍ଡଟା ।

ଦୈବାତ ତାଙ୍କ ନଜରରେ ପଡ଼ି ଯିବାରୁ । ଉକ୍ତ ଚିଠି ଖଣ୍ଡଟାର ଭାଙ୍ଗମାନ ଫିଟେଇ । ଏକାନ୍ତ ହୋଇ ପଢ଼ି ବସିଥିଲେ ସୁନନ୍ଦା ଦେବୀ ।

ଥରେ ନୁହେଁ, ଦୁଇଥର ନୁହେଁ ସେହିପରି ପ୍ରାୟ ତିନିଥର କରି ମୂଳରୁ ଶେଷ ପର୍ଯ୍ୟନ୍ତ ପଢ଼ି ସାରିଲା ପରେ । ଚିଠି ଖଣ୍ଡଟା ଆପଣା ହେପାଜତରେ ରଖି ଚୁପ୍ ଚାପ୍ ହୋଇ ରହିଲେ । ଭାବିବାକୁ ଲାଗିଲେ ପ୍ରିୟତମା ସମ୍ବନ୍ଧରେ ।

ପ୍ରିୟତମା… … … !

—ହଁ ସେ ମୋରିପରି ଜଣେ ନାରୀ ।

—ଉଁ … … ହୁଁ !

—ସାମାନ୍ୟ ନାରୀ ସହିତରେ ତାର ତୁଳନା ହେବନାହିଁ କାରଣ । କାଳିଦାସର ଶକୁନ୍ତଳା ଠାରୁ ଆହୁରି ମହୀୟସୀ ସେ ଚିଠିରେ ଲେଖି-ଥିବା ଭାଷାରୁ ଯଥେଷ୍ଟ ପରି ଇଙ୍ଗିତ ମିଳୁଛି । ସେ ଥିଲା ସନ୍ତାନ ସମ୍ଭବା ।

ଏକ୍ଷଣି, ନିଶ୍ଚୟ ସେ ମା ହୋଇ ସନ୍ତାନ ବାତ୍ସଲ୍ୟ ପ୍ରେମରେ ପରମ ଆତ୍ମ ତୃପ୍ତିରେ ଦିନ କଟାଉ ଥିବ ।

ତେବେ କାହିଁକି ?

ଦୁଷ୍ମନ୍ତ ପରି ସ୍ୱାମୀ ମୋର । ପ୍ରିୟତମାକୁ ପାଶୋରି ନିଷ୍ଠୁର ପାଲଟି ଗଲେ ।

ବଡ଼ିଲା ଦିନରେ ଏକ ଯୋଜନା ଭିଆଣି ବସିଲେ ସୁନନ୍ଦା ଦେବୀ । ନିଜର ସ୍ୱାସ୍ଥ୍ୟ ପରିବର୍ତ୍ତନ କରିବା ଉଦ୍ଦେଶ୍ୟ ଦର୍ଶାଇ । କୌଣସି ଏକ ସ୍ୱାସ୍ଥ୍ୟକର ସ୍ଥାନରେ ଯାଇ କିଛିକାଳ ଅବସ୍ଥାନ କରିବା ନିମନ୍ତେ । ପ୍ରସଙ୍ଗ ଉତ୍ଥାପନ କରି ବସିଲେ ସ୍ୱାମୀଙ୍କ

ନିକଟରେ । ସ୍ୱାମୀଙ୍କର ମତାମତରୁ ଜଣା ପଡ଼ିଲା । ଏକମାତ୍ର ଭୁବନେଶ୍ୱର ବ୍ୟତୀତ ଆଉ ଅନ୍ୟତ୍ର ଯେ କୌଣସି ସ୍ଥାନକୁ ଯିବାକୁ ଇଚ୍ଛୁକ ହେଲେ । ସ୍ୱାମୀଙ୍କର ଉକ୍ତ ପ୍ରସ୍ତାବରେ ଆଦୌ ଅମତ ରହିବ ନାହିଁ ।

କିନ୍ତୁ ସ୍ୱାମୀଙ୍କର ଉକ୍ତ ପରାମର୍ଶରେ କର୍ଣ୍ଣପାତ ନକରି । ସୁନନ୍ଦା ଦେବୀ ଏକାନ୍ତ ଜିଦ୍‌ଧରି ବସିଲେ ଯେ ସେ ଭୁବନେଶ୍ୱର ବ୍ୟତୀତ ଅନ୍ୟ କୌଣସି ଠାକୁ ଯିବେନାହିଁ ।

ଅଗତ୍ୟା, ରାଜକୁମାର ବାବୁ । ସ୍ତ୍ରୀ ସୁନନ୍ଦା ଦେବୀଙ୍କର ମନ ରକ୍ଷା କରିବା ନିମନ୍ତେ । ସାଥିରେ କାର୍ତ୍ତିକିଆକୁ ସାଙ୍ଗ କରେଇ ଭୁବନେଶ୍ୱରକୁ ପଠାଇବାକୁ ବାଧ୍ୟ ହୋଇଥିଲେ ।

ସୁନନ୍ଦା ଦେବୀ କାର୍ତ୍ତିକିଆକୁ ସାଥିରେ ଧରି । ଶୁଭ ଅନୁକୂଳ ଚଳିଲେ ଭୁବନେଶ୍ୱରକୁ ।

ଆଗରୁ ବଗିଚା ମାଲି ଶୁକ ନାୟକଙ୍କୁ ଏ ସଂମ୍ବଧରେ ଖବର ପଠା ଯାଇଥିଲା ।

ସାନ ସାଆନ୍ତାଣୀଙ୍କ ଆଗମନ ବାର୍ତ୍ତା ଶୁଣି । ବଗିଚା ହତା ଭିତରେ ଥିବା "ନିବାସଟିକୁ ବିଶେଷ ଭାବେ ସଫା ସୁତରା କରି ।

ଅପେକ୍ଷା କରି ରହିଥିଲା ସାନ ସାଆନ୍ତାଣୀଙ୍କୁ ପାଛୋଟି ନେବା ନିମନ୍ତେ ।

ଅବଶ୍ୟ, ଯଥା ସମୟରେ ଯାଇ ପହଞ୍ଚିଥିଲେ ସାନ ସାଆନ୍ତାଣୀ ଆଉ କାର୍ତ୍ତିକିଆ ।

"ନିବାସଟିରେ" ରହିବା ନିମନ୍ତେ ସକଳ ବ୍ୟବସ୍ଥା ବିଧିମତେ ରହିଥାଏ ।

ଭାରି ସୁନ୍ଦର ଆଉ ନିକାଞ୍ଚନ ଜାଗାଟିଏ । ସ୍ୱାସ୍ଥ୍ୟ ପକ୍ଷରେ ମଧ୍ୟ ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ପରମ ଉପଯୋଗୀ ।

"ନିବାସଛିର" ଅନତିଦୂରରେ କେଦାର ଗୌରୀ କୁଣ୍ଡ ।
ସୁନନ୍ଦା ଦେବୀ ପ୍ରତ୍ୟେହ ପ୍ରତ୍ୟୁଷରୁ ଉଠି ସ୍ନାହାନ କରିବାକୁ ଯାଆନ୍ତି କେଦାର ଗୌରୀ କୁଣ୍ଡକୁ । ସ୍ନାହାନାନ୍ତେ ସିକ୍ତ ବସନ ପରିଧାନ କରିଥିବା ଅବସ୍ଥାରେ ଯାଆନ୍ତି ଦିଅଁ ଦର୍ଶନକୁ ।
ଅର୍ଘ୍ୟଥାଳୀ ଧରି ଅନୁଗାମୀ ହୋଇଥାଏ କାଉନିଆ ।
ସେ ଦିନ ସୁନନ୍ଦା ଦେବୀ ଦିଅଁ ଦର୍ଶନକୁ ଯାଉଥିବା ବେଳେ ।
ଦେଉଳ ବାହାରେ । ଶୁଦ୍ଧ ପୂତ ହୋଇ ଅର୍ଘ୍ୟ ଥାଳି ଧରି ପଶ୍ଚାଦଗାମୀ କାର୍ଉନିଆକୁ । ଅକସ୍ମାତ ଅଚିହ୍ନା; ଅଜ୍ଞାନ ବାଳକଟିଏ ଛୁଇଁ ପକାଇବାରୁ ।
ସାନ ସାଆନ୍ତାଣିଙ୍କର ସଜଡ଼ା ପବିତ୍ର ଅର୍ଘ୍ୟ ଥାଳୀ । ମାରୁ ହୋଇ ଯିବା ହାଲ କଳ୍ପିତ ଜ୍ଞାନରେ । ବାଳକଟି ଉପରକୁ ଅତ୍ୟନ୍ତ ପ୍ରଖର ହୋଇ ଉଠିଲା କାଉନିଆ । ସୁନନ୍ଦା ଦେବୀ ସହସା; କାଉନିଆର ଏପରିକା ଉତ୍ତେଜନା ଆଉ ବିରକ୍ତ ଭାବ ଦେଖି ଚମକି ପଡ଼ି ଅନିଶା କଲେ ପଛ ଟେକୁ ।
ଦେଖିଲେ; ଗୋଟିଏ ଅଜ୍ଞାନ ବାଳକ ପ୍ରତି କାର୍ଉନିଆର ନିର୍ମମ ଆଚରଣ ଭୀଷଣ ହୋଇ ଉଠୁଛି । କାର୍ଉନିଆର କର୍କଶ କଣ୍ଠର ଧମକ ଚମକରେ ।
ଅବୋଧ ବାଳକଟି ଗ୍ଲାନିଆ ହୋଇ । ଓଠ ଫଟେଇ କାନ୍ଦ କାନ୍ଦ ହୋଇ ଆସୁଥାଏ ।
କଅଁଳିଆ ମୁହଁଟିରେ କାନ୍ଦ କାନ୍ଦ ଭାବ ।
କଳା ଦର୍ଶନ ଅଭିଳାଷି ଆଖିକୁ ଅନାୟାସରେ ଯେ ଆକୃଷ୍ଟ ନ କରି ପାରିବ ଏ କଥା କିନ୍ତୁ କହି ହେବ ନାହିଁ । ସତେ ଯେମିତି ଗୋଟିଏ ପ୍ଲାଷ୍ଟିକ୍ ତିଆରି ପୁତ୍ତଳୀକାଟିଏ ।
ସନ୍ତାନ ହୀନା ସୁନନ୍ଦା ଦେବୀ ଅଜ୍ଞାନ ବାଳକଟିର କଅଁଳ ମୁହଁ

ଅଡ଼ିକୁ ଅନାଶା କରିବା ମାତ୍ରକେ । ତାଙ୍କ ସନ୍ତାନ ଆକାଂକ୍ଷିତା ପ୍ରାଣଟା ଅତ୍ୟନ୍ତ ଆକୁଳିତ ହୋଇ ଉଠିଥିଲା ।

ନିଷେଧ କଲେ କୀର୍ତ୍ତନିଆକୁ । ଆଉ ମଧ୍ୟ ଗ୍ଲାନିଆ ଧରି ଯାଇଥିବା ବାଳକଟିର ବିକଳ ସହି ନ ପାରି ତତକ୍ଷଣାତ ତୋଳି ଧରିଲେ ଆପଣା କୋଳରେ ।

କିଛିଟା ତପଂଜତରେ । ବାଳକଟିର ଜନନୀ ।

ଏକାନ୍ତ ହୃଦୟରେ । ବେନି ନୟନକୁ ମୁଦ୍ରିତ କରି । ମଉନା ପ୍ରୀତ ପ୍ରତିମା ପରିଧାନ ମଗ୍ନା ରହିଥିଲା ପାଷାଣ ଘରର ବଧିର ଦେବତାଙ୍କ ଉଦ୍ଦେଶ୍ୟରେ । ଶ୍ରୁତି ପଥରେ ପୁତ୍ରର କ୍ରନ୍ଦନ ଧ୍ୱନୀ ମୁଖରିତ ହୋଇ ଉଠିଲାରୁ । ଧ୍ୟାନ ବିରତ ରଖି ଧାଇଁ ଅଇଲା ପୁତ୍ରକୁ କୋଳରେ ଧରିଥିବା ଅପରିଚିତା ମହିଳାଟି ପାଖଯାଏ ।

ବାଳକଟି ଆପଣା ମାଆକୁ ଦେଖି । ଶତ ସାହାଯ୍ୟ ପାଇଲା ଭଳି । ସୁନନ୍ଦା ଦେବୀଙ୍କ ବାହୁ ପାଶରୁ ମୁକୁଳି । ମାଆ କୋଳକୁ ଆସିବା ନିମନ୍ତେ ଉତ୍କଣ୍ଠ ହେବାକୁ ଲାଗିଲା ।

ମାତ୍ର କ୍ଷଣିକ ପାଇଁ । ବାଳକଟିକୁ କୋଳରେ ଧରି ଯେଉଁ ଅପରିସୀମ ସ୍ନିଗ୍ଧତା ଅନୁଭବ କରିଥିଲେ ସୁନନ୍ଦା ଦେବୀ ତାହା; ଏକମାତ୍ର ସନ୍ତାନ ହୀନା ନାରୀ ବ୍ୟତୀତ ଅନ୍ୟ କେହି କହି ପାରିବେ ନାହିଁ ।

ସୁନନ୍ଦା ଦେବୀଙ୍କର ମୋହ ମୁଗ୍ଧ ଅନ୍ତର ପାଶୋରି ପାରୁ ନଥାଏ । ଅଉମଧ୍ୟ ଅପୂର୍ବ ଅବଲୋକନକାରୀ ଅପଲକ ଆଖି ଦୁଇଟାକ । ବିଲୋକନରୁ ଅନ୍ତର କରିବାକୁ ଅବଶ୍ୟ ମଣୁ ନ ଥାଏ । ଦୁହେଁ ଦୁହିଁଙ୍କର ପରିଚୟ ନେବା ପୂର୍ବରୁ ।

ଏକଇ ଠାକୁରଙ୍କର ଏକଇ ମନ୍ଦିର ଦୁଆରେ । ସମାଜ ପୂଜାରିଣୀ ବିଗ୍ରହ । ପୂଜା ଅର୍ଚ୍ଚନା ନିମନ୍ତେ । ସାଥୀ ହୋଇ ମନ୍ଦିର ଭିତରକୁ

ଯିବା ପାଇଁ । ବାଳକଟିର ଜନନୀକୁ ଅନୁରୋଧ ଜଣେଇ ଥିଲେ ସୁନନ୍ଦା ଦେବୀ । ସୁନନ୍ଦା ଦେବୀଙ୍କର ଅନୁରୋଧରେ । ବାଳକଟିର ଜନନୀ ଇତସ୍ତତ ମଣୁଥାଏ ।

ଇତି ମଧ୍ୟରେ ସୁନନ୍ଦା ଦେବୀଙ୍କର ପୂଜାରୀ ପଣ୍ଡା ଆସି ପଡିଥିଲା ଘଟଣା ସ୍ଥଳଯାଏ ।

ସୁନନ୍ଦା ଦେବୀଙ୍କର ଏହି ଅନୁରୋଧ ଶୁଣି କହିଲା । କ୍ଷମା କରିବେ ତା ପ୍ରତି ଏହି ମନ୍ଦିରରେ ପ୍ରବେଶ ନିଷେଧ କହିକଣା ଆଜୀବନ ପାଇଁ ବଳବତ୍ ରହିଛି ।

ଆପଣ ତାଙ୍କୁ ବାଦ୍‌ଦେଇ ଆସନ୍ତୁ; ନିଜ ଉପାସନା କାର୍ଯ୍ୟ ସାରି ଯାଆନ୍ତୁ ଆପଣା ନିବାସକୁ ।

ସୁନନ୍ଦା ଦେବୀ ପୂଜାରୀ ପଣ୍ଡାର ଏହି ଅଦ୍ଭୁତ ଧରଣର କଥା ଶୁଣି ଅତ୍ୟନ୍ତ ବିସ୍ମିତ ହେଲେ ।

ବାଳକଟିର ଜନନୀ କରୁଣ କଣ୍ଠରେ ଜଣେଇଲା ସୁନନ୍ଦା ଦେବୀଙ୍କୁ । —ସେ ହେଉଛନ୍ତି ଅଦେଖା ଦିଅଁ । ମନ୍ଦିର ଭିତରେ ପଶି ତାଙ୍କ ପାଖଯାଏ ଗଲେ ଯେତିକି ଦେଖାଯିବେ । ମନ୍ଦିର ବାହାରେ ଥାଇ ଦିବ୍ୟ ଦୃଷ୍ଟିରେ ଦର୍ଶନ ଅଭିଳାସୀନି ହେଲେ ମଧ୍ୟ ସେତିକି ଦେଖା-ଯିବେ । ଯାଆନ୍ତୁ ଆପଣ ଅପେକ୍ଷା ନକରି ଆପଣ ଯାଆନ୍ତୁ ।

ସୁନନ୍ଦା ଦେବୀ ମନ୍ଦିର ଭିତରୁ ଦେବ ଅର୍ଚ୍ଚନା ସାରି ଫେରିବା ସମୟଯାଏ ଅପେକ୍ଷା କରିବା ନିମନ୍ତେ ବାଳକଟିର ଜନନୀକୁ ଦ୍ୱିତୀୟ ବାରପାଇଁ ଆଉ ଏକ ଅନୁରୋଧ ଜଣେଇ । ମନ୍ଦିର ଦ୍ୱାର-ଦେଶ ଯାଏ ଗତି କରୁଥିବା ସମୟରେ । ପୁନଶ୍ଚ ପୂଜାରୀ ପଣ୍ଡା ନିଷେଧ କରି ବସିଲା ବାଳକଟି ଛୁଇଁଥିବା ଅର୍ଘ୍ୟ ଥାଳିଟିକୁ ସାଙ୍ଗରେ ନ ନେବାପାଇଁ ।

ଅବଶେଷକୁ ପୂଜାରୀ ପଣ୍ଡାର ଏହି କଥାଶୁଣି । ନିଷ୍ଫଳ ଭାବେ ଛିଡ଼ା

ହୋଇ ପଡ଼ିଲେ ସୁନନ୍ଦା ଦେବୀ ।

ନିଶବଦ ଅନ୍ତରରେ କ'ଣ ଭାବିଲେ କେଜାଣି ।

ପଣତ କାନିଟା ଆପଣା ବେକର ପଛପଟ ଦେଇ । କହିଁ ନେଇଥିବା ବନ୍ଧା ହୋଇଥିବା କାନିଖିଅଟା ଡାହାଣ କାନ୍ଧ ଉପରୁ ତଳକୁ ଖସେଇ । ଅଣ୍ଟୁମାଡ; ସେଇଟି ଥାଇ ଗୋଟିଏ ମୁଣ୍ଡିଆ ମାଇଲେ ମନ୍ଦିର ଭିତରେ ଥିବା ଠାକୁରଙ୍କୁ । ସେଦିନକାର ପୂଜାବିଧି ଏହି-ଭାବେ ଶେଷ କରି ଫେରିବାକୁ ବାଧ୍ୟ ହୋଇଥିଲେ ସୁନନ୍ଦା ଦେବୀ । ସାଥିରେ ଥାଏ କାଉଁନିଆ । କାଉଁନିଆକୁ ନିବାସକୁ ଫେରିଯିବାକୁ କହି । ସେହି ଦର ଶୁଖୁଲା ଲୁଗାଟା ପିନ୍ଧି ସୁଧା । ବାଳକଟିର ଜନନୀ ସାଥିରେ ସାଥୀ ହେଲେ ତାଙ୍କ ଘରକୁ ଯାଇ ତାଙ୍କ ହାଲ ହକିକତ ସଂମ୍ପର୍କରେ ଅଜ୍ଞାତ ଅବଗତ କୌତୁହଳମାନ ଘେନି ।

ବାଳକଟିର ଜନନୀ । ଉପସ୍ଥିତ ଭଦ୍ର ମହିଳାଙ୍କର ଅନୁକମ୍ପାକୁ ଏଡ଼ି ନପାରି । ଅତ୍ୟନ୍ତ ବାଧ୍ୟ ହୋଇଥିଲା ସାଥିରେ ନେଇ ଘରକୁ ଯିବାକୁ !

କୁଆଣି ଅଭାବରୁ ଗୃହସବୁ ଛିନ୍ନଭିନ୍ନ ହୋଇ ଯାଇଛି । କାନ୍ଥ ଗୁଡିକ ଠାଏ ଠାଏ ଫଟା ଦିଶୁଛି । ପିଣ୍ଡା ପାହାଚମାନ ପ୍ରାୟ କେତେକ ଅଂଶରେ ଭାଙ୍ଗି ଭୁଙ୍ଗି ଗଲାଣି ।

ମାର୍ଜନା ବହୁଦିନେ ମାଳିନ୍ୟ ଦିଶୁଥିଲେ କ'ଣ ହେବ । ଦେଖିଲା କ୍ଷଣି; ସେକାଳର ଘଲୁଆ ଘରର ସ୍ମୃତି ସ୍ପଷ୍ଟଭାବେ ବାରି ହୋଇ ପଡୁଥାଏ । ଅବଶ୍ୟ କହିଁତଘର ବୁଝିବାକୁ ବାକୀ ରହିଲା ନାହିଁ ସୁନନ୍ଦା ଦେବୀଙ୍କର ।

ନାନାବିଧ ମୁଖାଳାପ କରି ବସିଥିବା ବେଳେ । ସେତେବେଳେ ଜାଣିବାକୁ ପାଇଲେ ଯେ ନାମ ତାର ପ୍ରିୟତମା । ଅଜମଧ୍ୟ ତା ଜୀବନର ଘଟିତ ବିଷୟ ଗୁଡିକ ସହିତରେ । ସୁନନ୍ଦା ଦେବୀଙ୍କର

ପଢିଥିବା ଚିଠି ଖଣ୍ଡିକର ପ୍ରାଞ୍ଜଳ ଭାବମାନ ସାମଞ୍ଜସ୍ୟ ମିଳେଇ ଗୃଲିଛି । ସେତେବେଳେ ସେ ଆଉ ବିସ୍ମୟ ପ୍ରକାଶ ନକରି । ଆପଣା ବୋଧ ଜ୍ଞାନରେ କହିଲେ ।

ହଁ; ଝସପୁଲ ଜାତି ଅବଳା କୁଳଟା । ତଥାପି ତା ଜୀବନରେ ଆସିଥାଏ ମଧୁମାସ, ମଧୁ ବସନ୍ତ, ଭ୍ରମର ମଧୁପ ଗୁଂଜନ, ମନ ଚୂତ ଡାଳରେ ବସି କୁହୁ କହେ କୋଇଲି, ହରଷରେ ଫୁଟିଉଠେ ଚଂଦ୍ର ମଲ୍ଲୀ, ଶେଷକୁ ବନ ମାଳତୀ ପରି ଝଡ଼ି ପଡ଼ନ୍ତି ବନ ଭୂଇଁରେ ।

ତା ପରେ ପ୍ରିୟତମା ନିକଟରୁ ସେଦିନ ପରି ବିଦାୟ ନେଇ ନିବା-ସକୁ ଫେରିଥିଲେ ସୁନନ୍ଦା ଦେବୀ ।

ଏଣେ ସୁନନ୍ଦା ଦେବୀଙ୍କର ଆସିଲା ଦିନଠାରୁ ।

ଫୁରସତ ନପାଇ । ମଝିରେ ଏଇ କେତେଦିନ ହେଲା ।

ପ୍ରିୟତମାର ଖବର ଅନ୍ତର ନ ବୁଝିବାକୁ ପାଇ ଥିବାରୁ । ମାତ୍ର ଆଜି ଦିପ୍ରହର ବେଳେ । ଟିକେ କାମଧଂଦା ହାଲୁକା ଥିବାରୁ । ପ୍ରିୟତମା ଆଉ ପ୍ରଦୀପକୁ ଦେଖି ଆସିବା ଅଭିଳାସରେ ଧାଇଁ ଯାଇ-ଥିଲା ଶୁକ । ପ୍ରିୟତମା ନିକଟରେ ପହଞ୍ଚିଲା ଉତ୍ତାରୁ । ସୁଖ ଦୁଃଖ ଶୁଣିଲା ପରି ଏକମାତ୍ର ଆପଣାର ଲୋକ ଶୁକ ନିକଟରେ । ସେଦିନ-କାର ସମସ୍ତ ଘଟଣାମାନ କହିବାକୁ ଆରମ୍ଭ କରିଥିଲା ପ୍ରିୟତମା ।

ପ୍ରିୟତମା ମୁହଁରୁ ସେଦିନକାର ଘଟିତ ବୃତାନ୍ତମାନ କର୍ଣ୍ଣ ଡେରି ଶୁଣୁଥିଲା ବେଳେ ।

କ୍ରମେ କ୍ରମେ ଶୁକ ମୁହଁରେ ପରିସ୍ଫୁଟ ହୋଇ ଆସୁଥିଲା । ଅପ୍ରକା-ଶିତ କୁତୁହଳ ଆଉ ସରସତା ଚିହ୍ନମାନ ।

ତଥାପି, ପ୍ରିୟତମା ନିକଟରେ ଉକ୍ତ ଭଦ୍ରମହିଳାଙ୍କ ପରିଚୟ ଗୋପନ ରଖିବାକୁ ବାଧ୍ୟ ହୋଇଥିଲା ଶୁକ ।

ତାହାର କାରଣ ଥିଲା; ଉକ୍ତ ଭଦ୍ର ମହିଳା ରାଜ କୁମାର ବାବୁଙ୍କର ସ୍ତ୍ରୀ ବୋଲି ପରିଚ ପାଇଲେ ।

କାଲେ; ପ୍ରିୟତମାର ଅମ୍ମାକୁ ବାଧିବ ! ଜ୍ୱଳନ୍ତ ନିଆଁରେ କୁଟା ପକାଇଲା ଭଳି । ଶପତଣୀ ଈର୍ଷାରେ । ମରମେ ମରମେ ବ୍ୟଥା ଅନୁଭବ କରି ।

ପୁନରବାର ଦେଖା ସାକ୍ଷାତ ହେଲା ବେଳକୁ । ହୁଏତ ସୁନନ୍ଦା ଦେବୀଙ୍କର ମମତାପୂର୍ଣ୍ଣ ଅନ୍ତରରେ ଅବାଂଚ୍ଛିତ ଆଘାତ ଦେଇ-ପାରେ ।

ସେହି ସବୁ ଧାରଣାରେ ଶୁକ ସୁନନ୍ଦା ଦେବୀଙ୍କର ସମସ୍ତ ପରିଚୟ-ମାନ ପ୍ରିୟତମା ନିକଟରେ ଅପ୍ରକାଶ୍ୟ ରଖି ।

ପ୍ରିୟତମା ନିକଟରେ ବହୁଷଣ ବିତଥିବା ହ୍ୱାରି । ତେଣେ ଉତ୍ସୁର ବେଳକୁ ଅନୁମାନ କରି ଚକିତ ହୋଇ ଉଠିଥିଲା ଶୁକ । ମଧ୍ୟ ଉଦ୍‌ଭ୍ରାନ୍ତ ହୋଇ ଲେଉଟି ଆସିଥିଲା ନିବାସକୁ ।

ପ୍ରିୟତମା ନିକଟରୁ ସେହି ସଂଗୀକୁ ବିଦାୟ ନେଇ ଆସିଥିବା ପର-ଠାରୁ ।

ସୁନନ୍ଦା ଦେବୀଙ୍କର ମନଟା କାହିଁକି; କେବଳ ସେହିଆଡ଼ କଥା ମନେ ପକେଇ ଭାରି ଉତଳା ହୋଇ ଉଠୁଥାଏ । ଠିକେ ଖୀରି ନୂଆଁ ଲିଆ ପଡ଼ି ଆସିଲାରୁ । ସତେ ଯେମିତି ସେଠାରେ କେତେ କ'ଣ ଛାଡ଼ି ଆସିଛନ୍ତି ! ଠିକ୍ ସେହି ପରକାର ଛନ ଛନ ମନରେ ।

ପୁନଶ୍ଚ ଯାଇ ପହଞ୍ଚିଲେ ପ୍ରିୟତମାର ଘରେ ।

ପ୍ରିୟତମା ବୁଝିପାରୁ ଥରି ପାଇଁ । ଅବଶ୍ୟ ଆସିବାର କିଛି କାରଣ ଯେ ଥିଲା ତାହାନୁହେଁ ।

ଅଥଚ; ହଠାତ୍ ସୁନନ୍ଦା ଦେବୀଙ୍କୁ ଆସି ପହଞ୍ଚି ଯିବାର ଦେଖି । ଯଥୋଚିତ ସାନୁନୟ ବିନୟ ସ୍ୱଭାବରେ ସାଦର ସଂଭାଷଣ ଜଣେଇ ।

ତରବର ହୋଇ । ନଡ଼ିଆ ବାହୁଙ୍ଗାରେ ବୁଣା ଗୁଣ୍ଠିଏ ପାରି ଦେଇ ସ୍ୱାହା ସଜାଡ଼ି ଦେଲ ବସିବା ନିମନ୍ତେ । ନଇଁପଡ଼ି; ଉପସ୍ଥିତ ଭଦ୍ର ମହିଳାଙ୍କ ନିମନ୍ତେ ଆସନ ସଜାଡ଼ି ଦେଉଥିବା ବେଳେ ।

କୋଉ ଅନ୍ଧୁଆଳରେ ଥିଲ ପ୍ରଦୀପ । ତା ଦରୁଣି ପାଖିରେ । ବୋଉ···ବୋଉ ଡାକି ଡାକିକା । ଠୁକୁ ଠୁକୁଆ ଚାଲରେ ଧାଇଁ ଆସି । ହୁଦସ୍ତ ନାଉ ହୋଇ ପଡ଼ିଲ ପ୍ରିୟତମା ପିଠିରେ ।

ପୁତ୍ରର ବାତ୍ସଲ୍ୟ ମମତାରେ ସଦା ବିମୁଗ୍ଧା ପ୍ରିୟତମା । ପଛଆଡ଼େ ନାଉ ହୋଇ । ବାଦୁଡ଼ି ପରି ନଠକି ପଡ଼ିଥିବା । ଅବାଲ୍ୟରୁ ଅଲଅଲ ପୁଅ ପ୍ରଦୀପକୁ । ଅତି ସାବଧାନରେ ପଛୁ ପଟୁ ଖସାଇ ଆଣି ।

ସିଥିଲ ଭାବେ ଆପଣାର ଦୁଇ ବାହୁ ଅକଠରେ ଆପଟି ଧରି । ବୁକୁ ତଳକୁ ସପଟେଇ ନେଇ । ପ୍ରଦୀପର କଅଁଳ ଆନନଟିରେ ଥାପି ଦେଇଥିଲ ଚୁମ୍ବନମାନ ।

ସେହି ସମୟଟିରେ ସୁନନ୍ଦା ଦେବୀ । ସଜଡ଼ା ସ୍ୱାହାଟିରେ ବସିବା ପୂର୍ବରୁ । କେବଳ; ତାଙ୍କ ଦର୍ଶନ ଅଭିଳାସି ଆଖି ଦୁଇଟାକୁ ଫେରାଉ ଥିଲେ ସେହି ଆଡ଼କୁ ।

ଉତ୍କାଳରେ; ମାତା ପୁତ୍ର ଦୁହିଁଙ୍କର ଏହି ଅପୂର୍ବ ଅବଲୀଳାମାନ ଦେଖି । · ମେଣ୍ଟାଇ ପାରି ନଥିଲେ । ଆପଣା ହୃଦଗତ ଆନନ୍ଦର ଅବସାଦମାନ ।

ଆଶକ୍ତ ଅନ୍ତରରେ କେଶୀ କର ପ୍ରସାରି । ଅତି ସରଧା କରି ଗେଲ ଭବରରେ ଡାକିଲେ···ବାପରେ, ଧନରେ, ମୋ କୋଳକୁ ଟିକେ ଆ···

ବୋଉ ଗେଲ କରି ସ୍ନେହ ଚୁମ୍ବନମାନ ଅଜାଡ଼ି ଦେଉଥିବା ବେଳେ ।

ଭିତରକୁଛି ଚୋପ ଗଳାରେ । ଠେଁ ଠେଁ ହୋଇ ହସି ଉଠୁଥିବା କଅଁଳ ପୁଅ ପ୍ରଦୀପ ।

ହୋଉ କୋଳ ଛାଡ଼ି ଯିବପାଇଁ ନା ମଙ୍ଗ ହେବାକୁ ଲାଗିଲା । ମଧ୍ୟ ସୁନନ୍ଦା ଦେବୀଙ୍କୁ ଅଚିହ୍ନା ଭାବ । ଛାଟକା ଧରଯାଇ । ତତ୍-କ୍ଷଣାତ ପ୍ରିୟତମା ଛାତିରେ ମୁହଁ ଗୁଞ୍ଜି । ଅଲପେ ଅଲପେ ଶାକୁ-ଳେଇ ହେବାକୁ ଲାଗିଲା ।

ଏତେକ ଘଣ୍ଟେ ପରେ । ପ୍ରିୟତମା ଆଗନ୍ତୁକ ଭଦ୍ର ମହିଳାଙ୍କ ମନ ରକ୍ଷା କରିବା ମାନସରେ । ନିଜ କୋଳରୁ ସୁନନ୍ଦା ଦେବୀଙ୍କ କୋଳକୁ ଅଜାଡ଼ି ଦେଲାଭଳି । ସୁନନ୍ଦା ଦେବୀଙ୍କର ପାତି ରହି-ଥିବା ହାତ ଆଡ଼କୁ ପ୍ରଦୀପକୁ ଅଣେଇ ଧରି । ବୋଧଦେଇ କହି ହେଉଥାଏ ଯାଉନୁ…

ସଖୀଲେ ସେହି ଅଳ୍ପକ୍ଷଣ ଦେଖା ସାକ୍ଷାତରୁ ପ୍ରିୟତମା ଅନୁମାନ କରିଥାଏ । ସୁନନ୍ଦା ଦେବୀ ନିଶ୍ଚୟ କୋଉ ବଡ଼ ଘରର ବୋହୂ ହେବେ । ଆମ ମୁଲକକୁ ଆସୁଥିବା ଯାଉଥିବା କେତେ କେତେ ତୀର୍ଥ ଯାତ୍ରିଙ୍କ ପରି ଏ ମଧ୍ୟ ନିଶ୍ଚୟ କୋଉ ସହରରୁ ଆସିଥିବା ଜଣେ ତୀର୍ଥ ଯାତ୍ରୀଣି ।

ଯାହା ହେଉନୁନା କାହିଁକି; ତାଙ୍କପରି ଜଣେ ବଡ଼ଘର ବୋହୂର ପୁଣି ଏତେପରି ସରଧା ।

ତା ବ୍ୟତୀତ ସେପରିକା ଗୋଟାଏ ବଡ଼ ପଣର ଅଣ୍ଟି ନରଖି । ସାଧାରଣ ମନ ଦେଇ । ସଂସାରଟା ଲୋକଙ୍କ ବିବେଚନାରେ । ଯିଏ ଅଜ କୁଳଟା କଳଙ୍କ ଆଉ ସମାଜର ନିର୍ମମତାମାନ ସହି ଆସୁଛି । ତାର ତାପିତ ହୃଦୟକୁ ଶୀତଳ କରିବା ନିମନ୍ତେ । ଅବଗତ ଥିବା ସତ୍ତ୍ୱେ ସମସ୍ତ ତୁଚ୍ଛ କରି । ଏ ଯୁଗର ଏକମାତ୍ର ନାରୀ ପରି । ଏପରି ଅବଳାର ହୃଦୟ ବେଦନା ବୁଝିପାରି । ବଳେ ବଳେ

ଧାଇଁ ଆସିଥିବା ଦ୍ୱାରା ।

ସବୁଠାରୁ ଏଇତକ ପରମ ସୌଭାଗ୍ୟର କଥା ବୋଲି ମନେ ମନେ ସୁଖାନୁଭବ କରୁଥିଲା ପ୍ରିୟତମା । ପ୍ରଦୀପକୁ ସୁନନ୍ଦା ଦେବୀଙ୍କ ହାତକୁ ସମର୍ପି ଦେଉଥିବା ବେଳେ । ଅଚିହ୍ନା ବାର; ଅନ୍ତୁର ଆତଙ୍କିତ ହୋଇ ସହାୟର କାନ୍ଧ ପକାଇଥିଲା ପ୍ରଦୀପ ।

ଏମତ ପରିସ୍ଥିତିରେ ଶେଷକୁ ସୁନନ୍ଦା ଦେବୀ ନିରାଶ ହୋଇ । ଖାଲିହାତ ଦୁଇଟାକୁ ଝାଡ଼ିଝୁଡ଼ି କହିଲେ; ଥାଉ—ଥାଉ ଆଉ କନ୍ଦାନା ଭଉଣୀ ! ପରକ୍ଷଣରେ ଉକ୍ତ ଆସନଟିରେ ପ୍ରାୟ କିଛିକ୍ଷଣ, ଯାବତ୍ ଚୁପ୍ ଚୁପ୍ ହୋଇ ବସି ରହିଥିଲେ ସୁନନ୍ଦା ଦେବୀ ।

ପ୍ରଦୀପର କାନ୍ଦଣା ଲହରୀ ଶେଷ ହେବା ପରେ । ପୁଅକୁ ପ୍ରବୋଧନା ଦେଇ । ପ୍ରିୟତମା ଧୀରେ ଧୀରେ ଅଇଲା ସୁନନ୍ଦା ଦେବୀଙ୍କ ନିକଟଯାଏ ।

ଦିବା ଅବସାନ କାଳ । ସେତେବେଳେ ପଶ୍ଚିମ ରବି ଅସ୍ତାଚଳକୁ ଗମନ କରୁଥାନ୍ତି । ଅବିକଳ ଡହକ ନିଆଁରୁ ବାହାରି ଥିବା ସୁନାର ଜ୍ୟୋତିପରି । ଗଛପତ୍ର ମାନଙ୍କରେ ଅଳପେ ଅଳପେ ଦିଶି ଯାଉଥାନ୍ତି ରବି ରଶ୍ମିର ଆଭାମାନ । ସୁନନ୍ଦା ଦେବୀ ତାଙ୍କ ଅପଲକ ଆଖି ଦୁଇଟାକୁ । ଦୁଇ ହାତରେ ଦୁଇ ନେଉଁର ନରମ ଗୋପରେ । ପିଥିଲେଇ ସିଥିଲେଇ ମକଚି ସାଟି । ପଲକମାନ ପିଞ୍ଜୁଳି ସ୍ପଷ୍ଟକରି ଚୁହିଁବାକୁ ଲାଗିଲେ ପ୍ରିୟତମାର ଆପାଦ ମସ୍ତକ ପରିପୂର୍ଣ୍ଣ ସୁନାର ବରଣ ଶୋଭା ଆଡ଼କୁ ।

ତ୍ୟକ୍ତ କଲେ ତପ୍ତ ଏକ ଦୀର୍ଘ ନିଶ୍ୱାସ । ତା ପରେ ବାରଆଉ ବାରକଥାମାନ ପକେଇ ତା ଜୀବନର ସମସ୍ତ ଇତି ବୃତାନ୍ତମାନ ନିରବ ଆଉ ନିଶ୍ଚଳ ଭାବେ ଶୁଣି ଯାଉଥାନ୍ତି ।—

ଚିରନ୍ତନ ପ୍ରଥାନୁସାରେ । କେବଳ ଯେ ଅଗ୍ନି ସାକ୍ଷୀକରି ସ୍ତ୍ରୀ

ପୁରୁଷଙ୍କର ମିଳନ ଘଟିଥାଏ ତାହା କଦାପି ନୁହେଁ ।
ଯଦି ନଥାଏ ଉଭୟଙ୍କର ମନର ମିଳନ । ପ୍ରିୟତମା; ଯଦିବା
କୁଳ ପୁରୋହିତଙ୍କ ପୂତ ମନ୍ତ୍ର ଉଚ୍ଚାରଣ ବେଦୀରେ ।
ହୋମାନଳକୁ ସାକ୍ଷୀକରି । ମିଳନ ସୂତ୍ରରେ ଆବଦ୍ଧ ନହୋଇ
ପାରିଥିଲା । ତଥାପି; ସେସବୁ ଗୁଡ଼ିକ ଠାରୁ ଆହୁରି ଅଧିକ ପର
ମନର ମିଳନରେ । ସେ ତା ନାରୀ ଜନମର ସକଳ କୃତ୍ୟ ସମା-
ପନ କରି ସାରିଥିଲା ଅଜଣା ଏକ ଶୁଭ ଲଗ୍ନରେ । ଇମିତି ବହୁକ୍ଷଣ
ଧରି ସୁଖ ଦୁଃଖ ମିଶା ଆଳାପ ବିଳାପ ପରେ ।
ସମୟ ଅତିବାହିତ ହୋଇ ପଡ଼ି ଥିବାରୁ । ବିଦାୟ ନେଇ ଫେରି-
ଥିଲେ ସୁନନ୍ଦା ଦେବୀ ।
ଏହି ଧରଣର ଆଳାପ ସୂତ୍ରରୁ । ନିତି ପ୍ରତିଦିନ ସଞ୍ଜ ସକାଳର
ଦିଅଁ ଦର୍ଶନ ବେଳଠିରେ ।
ସୁନନ୍ଦା ଦେବୀ ପ୍ରିୟତମାର ଘରକୁ ଯାଅ ଆସ କରନ୍ତି । ମଧ୍ୟ
ପିଲାଙ୍କୁ ଭୁଲେଇଲା ଭଳି । ନିଇତି ପ୍ରଦୀପ ପାଇଁ ଯତନ କରି
ସଜାଡ଼ି ନେଇଥାନ୍ତି ନୁଆ ନୁଆ ଚିଜମାନ ।
ରୋଜ ସଞ୍ଜ ସକାଳେ ଦେଖା ଗୁହାଁ ହେବାଦ୍ୱାରା । ସୁନନ୍ଦା ଦେବୀ-
ଙ୍କର ସ୍ନେହ ପରଶରେ ବାଉଳା ହୋଇ । ସକଳ ପାଶୋରି
ପକାଇଥିଲା ପ୍ରଦୀପର କଅଁଳ ମନଟା ।
ବେଳେ ବେଳେ ଯାଚି ହୋଇ ସୁନନ୍ଦା ଦେବୀଙ୍କ କୋଳକୁ ଯାଅ
ଆସ କରିବାକୁ ଆରମ୍ଭ କରିବାରୁ ।
ସୁନନ୍ଦା ଦେବୀ ମଧ୍ୟ ବଡ଼ ସୁଲଭ ପ୍ରେମରେ ଗେଲ ବସରିଆ ପାଠିରେ
ପ୍ରଦୀପକୁ କହନ୍ତି କହିଲୁ; କହିଲୁ···ବୋଉ । ସୁନନ୍ଦା ଦେବୀଙ୍କ
କଥାରେ କର୍ଣ୍ଣପାତ ନକରି । ଚଗଲିଆ ହୋଇ ଉଠେ ପ୍ରଦୀପ ।
କିନ୍ତୁ, କଦାପି କହେନା ବୋଉ । ଅଧିକନ୍ତୁ ପ୍ରିୟତମା ଆଡ଼କୁ

ଅଙ୍ଗୁଠି ଇସାରା କରି କହୁଥାଏ ମୋ ବୋଉ ତ ସେ' ଭ...

ତଥାପି ଅପାର ଆନନ୍ଦରେ ଆତ୍ମହରା ହୋଇଥାନ୍ତି ସୁନନ୍ଦା ଦେବୀ ।

ଏହିସବୁ ରଙ୍ଗ ରହସ୍ୟମାନ ଦେଖି ସରସ ମନରେ କହିଲା ପ୍ରିୟୃ-ତମା । ଏ ମୁଲକରେ ଥିବାଯାଏ ଏଠାକୁ ଅସୁଛ ସିନା ।

କେବେ ଯେ ଚାଲିଯିବ......

ମାୟା ତୁଟେଇ ଚାଲିଯିବା ପରେ । ତୁମକୁ ଗୁଣି ଗୁଣି ନିଶ୍ଚୟ ପୁଅମୋର ହାଲିଆ ହୋଇ ପଡିବ । ପ୍ରିୟୃତମାର କଥା ଶୁଣି ଲୁହ ଝରିଆସେ ସୁନନ୍ଦା ଦେବୀଙ୍କର ଆଖି ଦିଓ୍ୱାକରେ ।

ଏଣେ କିନ୍ତୁ, ସୁନନ୍ଦା ଦେବୀ ସ୍ୱାମୀଙ୍କ ନିକଟକୁ ଜରୁରୀ ଚିଠି ପଠାଇ ଥାନ୍ତି ଭୁବନେଶ୍ୱର ନିବାସକୁ ଆସିବା ନିମନ୍ତେ ।

ସୁନନ୍ଦା ଦେବୀଙ୍କର ପତ୍ର ପାଇବା ପରେ । ମହା ଏକ ଦୁଶ୍ଚିନ୍ତାରେ ପଡ଼ି ଯାଇଥିଲେ ରାଜକୁମାର ବାବୁ ।

ଯେଉଁ ଭୁବନେଶ୍ୱର ନିବାସକୁ । ଆଜକୁ ଚାରି ପାଞ୍ଚ ବର୍ଷ ବିତି ଗଲାଣି । ଇତି ମଧ୍ୟରେ କେବେ ହେଲେ ଯାଇ ନାହାନ୍ତି ।

ମଧ୍ୟ ସ୍ତ୍ରୀ ସୁନନ୍ଦା ଦେବୀଙ୍କର ସ୍ୱାସ୍ଥ୍ୟ ପରିବର୍ତ୍ତନ ନିମନ୍ତେ । ଯେଉଁ ଭୁବନେଶ୍ୱରକୁ ଯିବାପାଇଁ ପ୍ରକାରାନ୍ତରେ ଅମତ ଥିଲା ।

ପୁନଶ୍ଚ ତାଙ୍କୁ ଠିକ୍ ସେହି ଅଡୁଆରେ ପଡିବାକୁ । ଭବିକାଳ ଏକ ବିଡ଼ମ୍ବନା ସୃଷ୍ଟି କରୁଛି ନିଶ୍ଚୟ ।

ବାରୁଂବାର ସୁନନ୍ଦା ଦେବୀଙ୍କ ନିକଟରୁ ପତ୍ରାଘାତ ଗୁଡ଼ିକରେ ଅସ୍ତ-ବ୍ୟସ୍ତ ହେଉଥିବା ସତ୍ତ୍ୱେ । ଦିନ ଗଡ଼େଇ ଗଡ଼େଇବା କେବଳ ସାତ ପାଞ୍ଚ ହେଉଥାନ୍ତି ।

କିନ୍ତୁ ଏହି ଶେଷ ଜରୁରୀ ପତ୍ରଟିରେ ସ୍ଥିର ଧରି ନରହି ପାରି । ଆଖିର ବେଳକୁ ଏକାନ୍ତ ବାଧ୍ୟ ହୋଇଥିଲେ ଭୁବନନେଶ୍ୱର ନିବାସକୁ ଯିବା ନିମନ୍ତେ ।

ଅଠସ୍ତରି [ ପ୍ରିୟୃତମାର ଚିଠି

ଭୁବନେଶ୍ୱର ନିବାସଟିରେ ପହଞ୍ଚିବା ଉତ୍ତାରୁ ।
ନାହିଁ ନାହିଁ ବିତ ଯାଇଥାଏ ଦିନ ତିନି ଚାରି । ସେଦିନ ସୁନନ୍ଦା ଦେବୀଙ୍କର ବିଶେଷ ଅନୁରୋଧରେ ସାଥିରେ ଯିବାକୁ ବାଧ୍ୟ ହୋଇଥିଲେ ଦିଅଁ ଦର୍ଶନକୁ ।

ଦିଅଁଙ୍କ ଅଲତି ସମୟ ନହୋଇ ଥିବାରୁ । ସୁନନ୍ଦା ଦେବୀ କହିଲେ ସ୍ୱାମୀଙ୍କୁ ।

ତୁମେ ବୋଧହୁଏ ଶୁଣି ନାହିଁ !

ରାଜ କୁମାର ବାବୁ ପରମ କୌତୁହଳି ହୋଇ କହିଲେ ; କଣ ମ ?

ସୁନନ୍ଦା ଦେବୀ କହିଲେ—;

ଏଠାକାର ଲୋକେ ଭାରି ଭଲ । ଏମାନେ ସମସ୍ତଙ୍କୁ ଅତ୍ୟନ୍ତ ଆପଣାର ବୋଲି ମନେ କରିଥାନ୍ତି ।

କିନ୍ତୁ ; ଯେଉଁମାନେ ଏଠାକାର ସୁଖ ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରିବାକୁ ଆସନ୍ତି । ସେମାନେ କେବେହେଲେ ଏମାନଙ୍କୁ ଆପଣାର କରି । ତାଙ୍କ କପଟ ହୃଦୟରେ ସ୍ଥାନ ଦେଇ ପାରି ନ ଥାନ୍ତି ।

ତାହାର ପ୍ରମାଣ ଭୁକ୍ତଭୋଗି ଏଠାକାର ସ୍ଥାନୀୟ ଲୋକେ ଅବଶ୍ୟ ମୋ ଠାରୁ ଅଧିକ ଭାବେ କହି ପାରିବେ ।

ତେବେ ଯାହା ହେଉନା କାହିଁକି ; ଏଇ···କେତୋଟା ଦିନ ଯାଅ ଆସ କରୁଥିବା ଦ୍ୱାରା । ଏଠାକାର ପଡିଶା ଘରର । ପ୍ରାୟ ମୋରି ବୟସ ସରିକି ହେବ । ଗୋଟିଏ ସ୍ତ୍ରୀ ଲୋକ ସହିତରେ ମୋର କିନ୍ତୁ ବହୁତ କିଛି ମନ ମିଳି ଯାଇଛି ।

ଏପରିକି ; ତା ମାୟା ମମତାରୁ ମୋତେ ଜଣା ଯାଉଛି ସେ ବୋଧ ହୁଏ ଗତ ଜନ୍ମରେ ମୋର ସାନ ଭଉଣୀ ଥିଲା ।

ସୁନନ୍ଦା ଦେବୀଙ୍କ କଥା ଶୁଣି ବେଶ ଖୁସି ହେଉଥାନ୍ତି ରାଜକୁମାର ବାବୁ ।

ସୁଣି ସୁନନ୍ଦା ଦେବୀ କହିଲେ ଖାଲି କଣ ଏତିକି !
କରଯୋଡ଼ି କହିଲେ; ଯଦି କ୍ଷମା କରିବ ତାହା ହେଲେ କହିବି—
କହୁ କହୁ କହି ପକାଇଲେ ମଧ୍ୟ ।
ତା ଠାରୁ ଆହୁରି ବଡ଼ ପଦାର୍ଥଟିଏ ମଧ୍ୟ ପାଇଛୁ ।
କ'ଣ ପାଇଛୁ ଯାଣ ?···ଧରମର ପୁଅଟିଏ ମଧ୍ୟ ପାଇଛୁ । ଘର କଉତୁକିଆ ପୁଅଟିଏ କିନ୍ତୁ ! ଆଚ୍ଛା; ଏମିତି ଦିଅଁଙ୍କ ଅଳତି ସମୟ ବହୁତ ବାକି ଅଛି । ଟିକେ ତାଙ୍କ ଘର ଆଡ଼କୁ ଗଲେ ହୁଅନ୍ତା ନାହିଁ ?
ଆସ—;
ଏଇ ସାଥେ ସାଥେ ତାଙ୍କ ଘରଠାରୁ ବୁଲି ଆସିବା । ଭାବୁଛ ବେଶି ଦୂରରେ କି ! ବେଶି ଦୂରରେ ନୁହେଁ ମ ! ହାତ ଟେକି ଦିଗ ନିର୍ଦ୍ଦେଶ କରାଇଲା ଭଳି କହିଲେ । ଏଇ···ସେଇ ଯେଉଁ ନଡ଼ିଆ ଗଛମାନ ଦେଖା ଯାଉଛି ଠିକ୍ ସେହି ବରାବର । ସୁନନ୍ଦା ଦେବୀଙ୍କର ନିର୍ଦ୍ଦେଶ କରେଇ ଦେବା ନଡ଼ିଆ ଗଛମାନ ଘେରା ନିଜକ ଘର ଯାଏ ଯିବାକୁ । ରାଜ କୁମାର ବାବୁଙ୍କର ମନଟା କାହିଁକି ଟିକେ ଆଗ ପଛ ହେଉଥାଏ ।
ତଥାପି ସ୍ତ୍ରୀ ସୁନନ୍ଦା ଦେବୀଙ୍କର ଅନୁରୋଧକୁ ଏଡ଼ି ନପାରି । ଆଗଭର ହୋଇ ଚାଲିଥିବା ସ୍ତ୍ରୀ ସୁନନ୍ଦା ଦେବୀଂଙ୍କ ପଶ୍ଚାତ୍ ଅନୁସରଣ କରି କରିକା ଯାଇଥିଲେ ରାଜ କୁମାର ବାବୁ । ସୁନନ୍ଦା ଦେବୀ ସ୍ୱାମୀଙ୍କୁ ସାଥିରେ ଧରି । ଠିକ୍ ଉପସ୍ଥିତ ହୋଇଥିଲେ ଯାଇ ପ୍ରିୟତମାଙ୍କ ଦାଣ୍ଡ ଦୁଆର ମୁହଁରେ ।
ଦରି ଆଉଜା ରହିଥିଲା ଦାଣ୍ଡ ଦରଜାଟି ।
ଦରଜା ଠେଲି ସ୍ୱାମୀଙ୍କୁ ନେଇ ସିଧା ସଳଖ ପଶି ଯାଇଥିଲେ ଖଞ୍ଜା ଭିତରକୁ । ପ୍ରିୟତମା ସେତେବେଳ ସମୟରେ । ଛଳପଟ

ଘରେ ବ୍ୟସ୍ତ ଥିଲି ଆପଣା ଗୃହ ଧନ୍ଦାରେ ।
ଅଜାଣତରେ; କିଏସେ ଦି'ଜଣ ଖିଂଜା ଭିତରକୁ ପଶି ଆସିବାର ଭଳି ବାରିପାରି ।
ଚମକି ଦେଖେତ; ସେହି ଭଦ୍ର ମହିଳା ଆଉ ତାଂକ ସାଥିରେ...
ଦୁହିଁଙ୍କ ଆଡ଼କୁ ଅପଲକ ନୟନ ଃରେ ଚାହିଁ ରହିଥିବା ବେଳେ ।
ଦୁଇ ନୟନରୁ ଅଧୀର ଝରଣା ଭାବି ପରି । ଅନର୍ଗଳ ଝରିବାକୁ ଲାଗିଲା ଅତୀତ ଦିନ ଗୁଡ଼ିକରେ ସଂଚିତ ଅଶ୍ରୁଧାରମାନ ।
ଏଣେ ରାଜ କୁମାର ବାବୁ ସତେ ଯେମିତି କିଛି ନଜାଣି ଥିଲା ଭଳି, ନଚିହ୍ନି ଥିଲା ଭଳି ।
ସ୍ତ୍ରୀ ସୁନନ୍ଦା ଦେବୀଂକ ସାମନାରେ କେବଳ ଇତସ୍ତତ ହେଉଥାନ୍ତି ।
ସୁନନ୍ଦା ଦେବୀ ଅବଗତ ଥିବା ଗତକଥା ସବୁ ଅବ୍ୟକ୍ତ ରଖି । ପିନ୍ଧି-ଥିବା ବ୍ଲାଉଜ୍‌ଟିର ଭିତର ପଟେ । ଛାତିପାଖେ ଗୁଞ୍ଜି ରଖିଥିବା । ସେହି ପୁରାତନ ପ୍ରିୟତମାର ଚିଠି ଖଣ୍ଡିଟା ବାହାର କରି । ରାଜ କୁମାର ବାବୁଙ୍କୁ ଦେଖାଇବା ସଙ୍ଗେ ସଙ୍ଗେ ରାଜ କୁମାର ବାବୁକଂର ବିମୂଢ଼ ଆଉ ବିବେକ ଶୂନ୍ୟତାର ଅବକାଶ ରହି ନଥିଲା ।
ସେପରି ପରିସ୍ଥିତିରେ ତାଂକର ପ୍ରକୃତ କର୍ତ୍ତବ୍ୟ ଯେ କ'ଣ ସେ ତାକଂର ଅଥୟ ମତରେ ସ୍ଥିର କରି ପାରି ନଥିଲେ ।
କେବଳ ଠିଆ ହୋଇ ରହିଥିଲେ ସ୍ତମ୍ଭିଭୂତ ହୋଇ ।
ସୁନନ୍ଦା ଦେବୀ ଧୀରେ ଧୀରେ ଗଲେ ପ୍ରିୟତମାର ପାଖଯାଏ । ଘର କଣରୁ ନବ ବଧୂମାନଙ୍କୁ ଆଣିଲା ପରି । ବେଶ ବାସ ଆଉ ଓଢଣା ସଜାଡ଼ି କୁଣ୍ଢାଇ ଆଣିଲେ ଦୁଆର ମହିଁକୁ ।
କହିଲେ ପୁଲକ ପୂରିତ ଅନ୍ତରରେ ।
ଆଜି ତୋର କାନ୍ଦିବାର ଦିନ ନୁହେଁ ଭଉଣୀ ।
ଦୂର ହୋଇ ଯାଇଛି ଅମା ଅନ୍ଧକାର ।

ଚିବୁକରେ କରମାରି କହିଲେ ଗୃହିଁ ଦେଖ; ପୁରୁବ ଆକାଶରେ ଉଇଁ ଆସୁଛି ଜହ୍ନ । ମୃଦୁ ମଳୟ ସାଥିରେ ବହି ଆସୁଛି ଫୁଲ ବନର ସୁବାସ ।

ଲୋକେ ଯାହା କହନ୍ତୁନା କାହିଁକି ତୋ ସାଧନା ଆଜି ସିଦ୍ଧି ହୋଇଛି । ଦେଉଳ ବାହାରେ ଥାଇ । ଏତେଦିନ ଧରି ଯେଉଁ ଅଦେଖା ଦିଅଁଙ୍କୁ ତୋର ଗୋପନ ଅନ୍ତରର ବେଦନା ଜଣେଇ ଆସିଛୁ । ସେହି ଅଦେଖା ଦିଅଁ ପାଷାଣ ଦେହ ଧରି ନରହିପାରି । ବଳେ ବଳେ ଉଭା ହୋଇଛନ୍ତି ତୋ କୁଟୀର ଦୁଆରେ ।

ଯା ଭଉଣୀ; ପଛ କଥାରେ ଅଭିମାନୀ ନହୋଇ । ଆଉ ଏଣିକି ଅବହେଳା ନକରି ତାଂକ ପାଦ ପୂଜା ଉଦ୍ଦେଶ୍ୟରେ ଓଳଗି ହୁଅ ।

ସୁନନ୍ଦା ଦେବୀ ସଇତୁଲେଇ ଦେଉଥିବା ମୁତାବକ ।

ପ୍ରିୟତମା ରାଜ କୁମାର ବାବୁଙ୍କୁ ଓଳଗି ହେବାକୁ ଯାଇ । କୋହ ସମ୍ଭାଳି ନପାରି କେବଳ କଇଁ କଇଁ ହୋ ଇଯାଉଥାଏ । ରାଜକୁମାର ବାବୁଙ୍କ ପାଦତଳେ ସେଇପେ ମୁଣ୍ଡ ଗୁଞ୍ଜି ରହିଲା ତୋ ପ୍ରାୟ ପହରେସରିକି ।

ତେଣେ ଦିଅଁଙ୍କ ଦେଉଳରେ ଆଳତୀ ଆରମ୍ଭ ହୋଇଥିବାରୁ । ଉଛୁଳି ପଡୁଥାଏ ଘଣ୍ଟ ମାଦଳର ଅବାଜମାନ । ସୁନନ୍ଦା ଦେବୀ ରାଜକୁମାର ବାବୁଙ୍କ ପାଦ ତଳୁ ଟୋକି ଧଇଲେ ପ୍ରିୟତମାକୁ । ପ୍ରିୟତମା ସୁନନ୍ଦା ଦେବୀଙ୍କୁ କୁଣ୍ଢାଇ ଧରି । କାନ୍ଦି କାନ୍ଦି କଇଁ କଇଁ ହୋଇ କହୁଥାଏ ମୁଁ ଠଉରକରି ପାରୁନି···ତୁମେ ଦେବୀ ନା ମାନବ ପ୍ରିୟତମାର ଏହି କଥା ଶୁଣି ସୁନନ୍ଦା ଦେବୀ ମଧ ତାଙ୍କ ଆଖିରେ ଲୁହ ଥିରି ରଖି ପାରିଲେ ନାହିଁ । ଦୁହେଁ କୁଣ୍ଢେଇ କୁଣ୍ଢି ହୋଇ

କାନ୍ଦୁଥିବା ସମୟରେ । ସୁନନ୍ଦା ଦେବୀ ଆପଣା ପଣତ କାନିରେ ପୋଛି ଦେବାକୁ ଲାଗିଲେ ପ୍ରିୟତମା ଆଖିର ଲୁହ ସବୁ ।

ପ୍ରିୟତମା ମଧ୍ୟ ତା ନିଜ ପଣତ କାନିରେ ପୋଛି ଦେବାକୁ ଲାଗିଲା ସୁନନ୍ଦା ଦେବୀଙ୍କ ଅଶ୍ରୁସିକ୍ତ ଆଖି ଦୁଇଟାକ ।

ଦୁହେଁ ବନାମୟ ସୁସ୍ୱରେ ଲୁହ ପୋଛା ପୋଛି ହେଉଥିବା ସମୟରେ । ଦାଣ୍ଡ ପାହାବାରକୁ ଖେଳିବାକୁ ଯାଇଥିଲା ପ୍ରଦୀପ । ଏତିକି ବେଳ ସମୟରେ । ସେ ମଧ୍ୟ ବୋଉ, ବୋଉ ଡାକ ଦେଇ ଦେଇକା ଧାଇଁ ଆଇଲା ଏମାନଙ୍କ ପାଖଯାଏ ।

ସୁନନ୍ଦା ଦେବୀ ଆଉ ତର ନ ସହିପାରି । ପ୍ରଦୀପକୁ କୋଳରେ ଧରି ବୋବା ଦେଉଥିବା ବେଳେ ।

ପୁନର୍ବାର କରି ତାଙ୍କ ଦୁଇ ନୟନରୁ ମହା ପ୍ଲାବନ ସୃଷ୍ଟି କରିବାକୁ ଲାଗିଲା ଆନନ୍ଦାଶ୍ରୁମାନ ।

ସେଦିନକାର ସେହି ଶୁଭ ମିଳନ ପରେ । ରାଜ କୁମାର ବାବୁ, ସୁନନ୍ଦା ଦେବୀ, ପ୍ରିୟତମା ଆଉ ପ୍ରଦୀପ । ଏମାନେ ସମସ୍ତେ ସାଥି ହୋଇ ଯାଇଥିଲେ ଦିଅଁ ଦର୍ଶନକୁ । ସେଦିନ କିନ୍ତୁ ରାଜକୁମାର ବାବୁଙ୍କର ଦାନ ଦକ୍ଷିଣାରେ ଭୋଳ ଥାଇ । ପୂଜାରୀ ପଣ୍ଡାମାନେ ପାଶୋରି ପକାଇଥିଲେ ପୂର୍ବକାର ଅଟକ କଟକଣାମାନ ।

ଯାହାହେଉ ପାଦୁକ ପ୍ରସାଦ ଧେନି ଖୁସି ବାସିରେ ଫେରିଲେ ନିବାସକୁ ।

କାଉଁନିଆ ବ୍ୟସ୍ତ ଥିଲା କାମ ଧନ୍ଦାରେ ।

ଶୁକ କିନ୍ତୁ ଏ ସବୁ ଦୃଶ୍ୟକୁ ଦେଖି ଅବାକ ମଣୁଥିଲା ବେଳେ ।

ପ୍ରିୟତମା ଦୂରରୁ ଶୁକକୁ ଦେଖି ଲାଜରେ ମୁହଁ ଲୁଚାଇ ଦେଉଥାଏ ଓଢ଼ଣା ତଳେ ।

ପ୍ରିୟତମାର ଚିଠି ] ତେୟାଅଣୀ

ଅନନ୍ଦରେ ଅନନ୍ଦ ପ୍ରକାଶ କରିବାକୁ ଯାଇ ।
ରାଜକୁମାର ବାବୁଙ୍କ ନିକଟରେ ଅଳିକର ବସିଲା ଶୁକ ।
ସାନବାବୁ କହୁଥିଲି କ'ଣକି ! ···ଏଇ—ଆଜି ମୋ ବକ୍‌ସିସଟା
ବାକୀ ରଖୁଛନ୍ତି କାହିଁକି······?

ମା

ସ ⋮ ପ୍ତ

ଶୋଭଶ୍ରୀ ପ୍ରକାଶନୀ